ଷୋଡ଼ଶ ବର୍ଷରେ ପଦାର୍ପଣ

Tejaswini

# ତେଜସ୍ୱିନୀ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର



Rs. 7.00

ବର୍ଷ-୧୬, ସଂଖ୍ୟା-୩୯, ଭୁବନେଶ୍ୱର: ଅକ୍ଟୋବର ୦୬-୧୨, ୨୦୨୫ | Vol-16, Issue-40, Bhubaneswar : October 06-12, 2025

RNI NO.ODIODI/2010/33715

## ଦର୍ଶକଙ୍କ ପାଇଁ ଆବଶ୍ୟକ ସୁବିଧା ଓ ସୁରକ୍ଷିତ ବାଲିଯାତ୍ରାକୁ ଗୁରୁତ୍ୱ

ଭୁବନେଶ୍ୱର: ଐତିହାସିକ ବାଲିଯାତ୍ରା, କଟକ ୨୦୨୫ ଆଗାମୀ ନଭେମ୍ବର ୫ରୁ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ବୃହତ୍ ବାଣିଜ୍ୟିକ ମେଳାର ଆୟୋଜନ ସଂପର୍କରେ ଲୋକସେବା ଭବନରେ ଆଜି ଅନୁଷ୍ଠିତ ଏକ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରି ପ୍ରସ୍ତୁତି ସମୀକ୍ଷା କରିଥିଲେ। ବୈଠକରେ ଉନ୍ନୟନ କମିଶନର ବାଲିଯାତ୍ରାକୁ ଆସୁଥିବା ଦର୍ଶକମାନଙ୍କ ସୁବିଧା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ସହ ସେମାନଙ୍କର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡଃ. ବିଜୟ କେତନ ଉପାଧ୍ୟାୟ, କଟକ ମହାନଗର ନିଗମ କମିଶନର ତଥା ସିଡିଏ ଉପଧ୍ୟକ୍ଷା କୀରନଦୀପ କୌର ସହୋଟା, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସମେତ କଟକ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଜରୁରୀ ପରିସ୍ଥିତିରେ ଲୋକମାନେ ଯେପରି ବାଲିଯାତ୍ରା ପଡ଼ିଆରୁ ତୁରନ୍ତ ବାହାରି ପାରୁଥିବେ, ତାହାକୁ ଦୃଷ୍ଟିରେ ରଖି ପ୍ରବେଶ ରାସ୍ତା ସହିତ ଅଧିକ ସଂଖ୍ୟକ ପ୍ରସ୍ଥାନ ବ୍ୟବସ୍ଥା ସହ ଏ ସଂପର୍କରେ ଦୃଶ୍ୟମାନ ଅଧିକ ଗ୍ଲୋ-ସାଇନବୋର୍ଡ ଲଗାଇବା, ସାଇନେଜ୍ ବ୍ୟବସ୍ଥା କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି। ବୈଠକରେ କଟକ ଜିଲ୍ଲାପାଳ, ବାଲିଯାତ୍ରା ସଂପର୍କିତ ଆବଶ୍ୟକ ବିଭିନ୍ନ ସୂଚନା ପାଇଁ ବାଲିଯାତ୍ରା ୱେବସାଇଟ୍ ଉପଲବ୍ଧ ଥିବା ପ୍ରକାଶ କରିଥିଲେ। ବାଲିଯାତ୍ରାର ଆୟୋଜନ ସଂପର୍କିତ ନକ୍ସାକୁ ଉନ୍ନୟନ କମିଶନର ଅନୁଧ୍ୟାନ କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ବାଲିଯାତ୍ରାରେ ଟ୍ରାଫିକ୍ ପରିଚାଳନା ଓ ଗହଳି ନିୟନ୍ତ୍ରଣ ପାଇଁ କମିଶନରରେଟ୍ ପୁଲିସ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି। ଭିଡ଼ ନିୟନ୍ତ୍ରଣ ପାଇଁ ତ୍ରିଶୁଳିଆଠାରୁ ଏବଂ ଯୋବ୍ରା ପଟୁ ବାଲିଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଯାତାୟତ ପାଇଁ କୁଟ୍ ତରଫରୁ ଦେୟମୁକ୍ତ ଶଟଲ ସେବା ସୁବିଧା କରାଯାଉଥିବା ବୈଠକରେ ସୂଚନା ଦିଆଯାଇଥିଲା ।

ତେଜସ୍ୱିନୀ

**ବିଶେଷ ଦୃଷ୍ଟି ଆକର୍ଷଣ**

- କେନ୍ଦୁଝର
- ବିଶ୍ୱ ଜଳବାୟୁ ସମସ୍ୟା
- ପାଞ୍ଚଟି ଫଳର ଉପକାରିତା
- ଡୋରି ଡିଜାଇନ୍ ବ୍ଲାଉଜ୍

# ପ୍ରତିଷ୍ଠା ହେବ 'ରାଜ୍ୟ ଜଳସମ୍ପଦ ଆୟୋଗ'

## ୨୦୨୯ ସୁଦ୍ଧା ଅତିରିକ୍ତ ୧୫ ଲକ୍ଷ ହେକ୍ଟର୍ ଜମିକୁ ଜଳସେଚନ ସୁବିଧା



ଭୁବନେଶ୍ୱର: ରାଜ୍ୟରେ ଖୁବ୍‌ଶୀଘ୍ର ଲାଗୁ ହେବାକୁ ଯାଉଛି 'ଓଡ଼ିଶା ଜଳ ନୀତି - ୨୦୨୫'। ଜଳ ସମ୍ପଦର ସଂରକ୍ଷଣ, ବଣ୍ଟନ ପାଇଁ ଜଳ ନୀତି ଲାଗୁ କରିବେ ରାଜ୍ୟ ସରକାର। ଏଥିପାଇଁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତ ଶେଷ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ଅନୁମତି ପରେ ଲାଗୁ କରାଯିବ। ସେହିପରି ମନଇଚ୍ଛା ଜଳ ବ୍ୟବହାର ଓ ଜଳ ନଷ୍ଟ ଦିଗରେ ରୋକ ଲଗେଇବା ଲାଗି ପ୍ରତିଷ୍ଠା ହେବ 'ରାଜ୍ୟ ଜଳସମ୍ପଦ ଆୟୋଗ'। ରାଜ୍ୟ ଜଳସମ୍ପଦ ଆୟୋଗର ରୂପରେଖ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଚିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ରାଜ୍ୟରେ ଜଳସମ୍ପଦର ଠିକଣା ବିନିଯୋଗ ଓ ପରିଚାଳନା ହୋଇପାରିବ। ଡିଜିଟାଲ୍ ସ୍ମାର୍ଟ ପଦ୍ଧତି ବା ଏଆଇ ଜରିଆରେ ଜଳ ପରିଚାଳନା କରାଯିବ। ଏହା ଦ୍ୱାରା ଜଳସେଚନ ଭିର୍ତ୍ତିଭୂମି ମଧ୍ୟ ବଢ଼ିବ। ରାଜ୍ୟ ସରକାର ଭିଜନ ଡକ୍ୟୁମେଣ୍ଟରେ ରଖିଥିବା ଏ ପ୍ରସ୍ତାବକୁ ଚଳିତ ମାସରେ 'ସୁଜଳାମ୍ ଭାରତ' ସମ୍ମିଳନୀରେ ଉପସ୍ଥାପନ କରିବେ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର।

ବିକଶିତ ଭାରତ ଗଠନ ପାଇଁ ଉପଲବ୍ଧ ଜଳର ଠିକଣା ବିନିଯୋଗର ରହିବ ବଡ଼ ଭୂମିକା। ଏଥି ପାଇଁ ଜଳ ସଂରକ୍ଷଣ, ଜଳର ବିନିଯୋଗ, ସୁଷମ ବଣ୍ଟନ ସହ ଭୂତଳ ଜଳର ରିଚାର୍ଜ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏ ସମ୍ପର୍କରେ ସାରା ଦେଶ ପାଇଁ ଏକ ମଡେଲ୍ ପ୍ରସ୍ତୁତ କରିବାକୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ବିଚାର କରୁଛି। ଏ ନେଇ ଅଧିକ ବିଚାର ବିମର୍ଶ କରିବାକୁ ଚଳିତ ମାସ 'ସୁଜଳାମ୍ ଭାରତ' ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ନିଜର ଯୋଜନା ଓ ପ୍ରସ୍ତାବ ପଠାଇବାକୁ କେନ୍ଦ୍ର କହିଛି। ଜଳ ସଂରକ୍ଷଣ ପାଇଁ କେଉଁ ରାଜ୍ୟ କି ଅଭିନବ ଯୋଜନା ହାତକୁ ନେଇଛି ସେ ସଂପର୍କରେ ଏହି ସମ୍ମିଳନୀରେ ଚର୍ଚ୍ଚାହେବ ବୋଲି ସୂଚନା ମିଳିଛି ।

ରାଜ୍ୟରେ ନଦୀ ଅବବାହିକା ପୋତି ହୋଇଯିବା ସହ ଜଳଧାର ଶୁଖିବା ଚିନ୍ତା ଆଣିଛି। ଏପଟେ ଜଳର ଚାହିଦା ଦ୍ରୁତ ବଢୁଛି । ରାଜ୍ୟ ବନ୍ୟା ଓ ବାତ୍ୟା ଦ୍ୱାରା ପ୍ରଭାବିତ ହେଉଥିବାରୁ ଜଳସମ୍ପଦ ଭିତ୍ତିଭୂମି କ୍ଷତି ସହୁଛି। ଏହାର ମୁକାବିଲା ସହ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବେ ସରକାର। ଏଥିପାଇଁ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ, ରିମୋଟ ସେନ୍‌ସିଂ ଜ୍ଞାନକୌଶଳ ବ୍ୟବହାର ହେବ। ଅଯଥାରେ ଜଳ ନଷ୍ଟ ହେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଏଆଇ ଜ୍ଞାନକୌଶଳର ସହାୟତା ନିଆଯିବ। ଗୁଜୁରାଟର 'ସର୍ଦ୍ଦାର ପଟେଲ୍' ଢାଞ୍ଚାରେ ଭୂତଳ ଜଳର ଦୀର୍ଘମିଆଦି ପରିଚାଳନା ଓ ରିଚାର୍ଜ କରାଯିବ। ଆବଶ୍ୟକ ସ୍ଥଳେ ଏଥିପାଇଁ 'ନମାମି ଗଙ୍ଗେ' ଭଳି ସରକାର ପିପିପିରେ ପ୍ରକଳ୍ପ କାମ ହାତକୁ ନେବାକୁ ଲକ୍ଷ୍ୟ ରଖିଛନ୍ତି।

ତଥ୍ୟ ଅନୁସାରେ ଗତ ୨୦ ବର୍ଷ ଧରି ମାଟିର ଆର୍ଦ୍ରତା ଏବଂ ଗ୍ଲାସିଆର୍‌ରେ ଗଚ୍ଛିତ ଜଳର ପରିମାଣ କ୍ରମାଗତ ଭାବେ କମିବାରେ ଲାଗିଛି। ଏ ଦୃଷ୍ଟିକୋଣରୁ ଜଳ ସଂରକ୍ଷଣ ଓ ଜଳକୁ ପ୍ରଦୂଷଣ ମୁକ୍ତ ରଖିବା ଅପରିହାର୍ଯ୍ୟ। ୨୦୨୧ ମସିହା ତଥ୍ୟ ଅନୁଯାୟୀ, ୨୨୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଜଳ ସଙ୍କଟ ଦେଖା ଯାଉଥିବା ଦେଶରେ ବାସ କରୁଛନ୍ତି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ଓଡିଶା ସରକାର ଜଳ ସଂରକ୍ଷଣ ଓ ପରିଚାଳନାର ସୁବନ୍ଦୋବସ୍ତକୁ ଗୁରୁତ୍ୱ ଦେଇ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଆଗାମୀ ୫ ବର୍ଷ ଅର୍ଥାତ୍ ୨୦୨୯ ସୁଦ୍ଧା ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚିତ କରିବା ପାଇଁ ଓଡ଼ିଶା ସରକାର ଲକ୍ଷ୍ୟ ରଖିଛନ୍ତି। ଜଳ ସମ୍ପଦର ସୁରକ୍ଷା ଓ ପରିଚାଳନା ପାଇଁ ୨୦୨୫/୨୬ ଆର୍ଥିକ ବର୍ଷ ବଜେଟ୍‌ରେ ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କା ବ୍ୟବସ୍ଥା ହୋଇଛି।

ଅନ୍ୟପକ୍ଷରେ ରାଜ୍ୟରେ ପାନୀୟ ଜଳ, ଜଳସେଚନ, ଜଳବିଦ୍ୟୁତ, ସବୁଜ ଉଦଜାନ, ମତ୍ସ୍ୟଚାଷ, ପର୍ଯ୍ୟଟନ, ଭାସମାନ ସୌର, ପମ୍ପଡ଼ ଷ୍ଟୋରେଜ୍ ପ୍ରକଳ୍ପ ଏବଂ ଯୋଗାଯୋଗ ପାଇଁ ଜଳପଥର ବୃଦ୍ଧି ପାଉଥିବା ଚାହିଦା ପୂରଣ ଲାଗି ଜଳ ସୁରକ୍ଷା ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ଓଡ଼ିଶାର କୃଷି ଅର୍ଥ ବ୍ୟବସ୍ଥାର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଉନ୍ମୁକ୍ତ କରି ସମସ୍ତ ସମ୍ଭାବ୍ୟ ଚାଷ ଯୋଗ୍ୟ ଅଞ୍ଚଳରେ ୯୦ ପ୍ରତିଶତରୁ ଅଧିକ ଜଳସେଚନ ସୁବିଧା ହାସଲ କରିବା, ଦୀର୍ଘସ୍ଥାୟୀ ଏବଂ ଦକ୍ଷ ଜଳ ଉପଯୋଗ ମାଧ୍ୟମରେ ୨୦୩୬ ସୁଦ୍ଧା ଫସଲର ସଘନତାକୁ ୧୬୦%ରୁ ୨୨୦% ଏବଂ ୨୦୪୭ ସୁଦ୍ଧା ୨୫୦%କୁ ବୃଦ୍ଧି କରିବା, ବାତ୍ୟା-ପ୍ରତିରୋଧୀ ଏବଂ ଅନୁକୂଳ ଜଳ ଭିତ୍ତିଭୂମି ଦ୍ୱାରା ସମର୍ଥିତ ପ୍ରାୟତଃ ୧୦୦% ବନ୍ୟା ଏବଂ ମରୁଡ଼ି ସ୍ଥିତିସ୍ଥାପକତା ପ୍ରତିଷ୍ଠା କରିବା, ଏବଂ ସମନ୍ୱିତ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଏବଂ ଜଳବାୟୁ-ସ୍ମାର୍ଟ ଜଳ ସମ୍ପଦ ପରିଚାଳନାରେ ଓଡ଼ିଶାକୁ ଅଗ୍ରଣୀ ସ୍ଥାନରେ ରଖିବା ଆଦି ଅନ୍ତର୍ଭୁକ୍ତ।

## ଟିକସ ହସ୍ତାନ୍ତରର ଅଗ୍ରୀମ କିସ୍ତି, ଓଡ଼ିଶାକୁ ମିଳିଲା ୪୬୦୧ କୋଟି

ଭୁବନେଶ୍ୱର: ଭାରତ ସରକାର ଟିକସ ହସ୍ତାନ୍ତରର ଏକ ଅଗ୍ରୀମ କିସ୍ତି ଭାବେ ଓଡ଼ିଶା ସରକାରକୁ ୪୬୦୧ କୋଟି ଟଙ୍କା ଦେଇଛନ୍ତି। ହେଲେ ଏହି ତାଲିକାରେ ସର୍ବାଗ୍ରେ ଥିବା ଉତ୍ତରପ୍ରଦେଶକୁ ୧୮,୨୨୭ କୋଟି ମିଳିଥିବାବେଳେ ଗୋଆକୁ ସର୍ବନିମ୍ନ ୩୯୨ କୋଟି ଟଙ୍କା ମିଳିଛି। ତେବେ ରାଜ୍ୟ ସରକାରଙ୍କୁ ସର୍ବମୋଟ୍ ୧,୦୧,୬୦୩ କୋଟି ଟଙ୍କାର ଟିକସ ହସ୍ତାନ୍ତର କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମରଣଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

କେନ୍ଦ୍ର ସରକାର ୧ଅକ୍ଟୋବର ୨୦୨୫ରେ ରାଜ୍ୟ ସରକାରଙ୍କୁ କରିଥିବା ଅତିରିକ୍ତ ଟିକସ ହସ୍ତାନ୍ତର ତାଲିକା ଜାରି କରିଛନ୍ତି। ତାଲିକାରେ ୨୮ଟି ରାଜ୍ୟକୁ ଟିକସ ହସ୍ତାନ୍ତରର ଏକ ଅଗ୍ରୀମ କିସ୍ତି ପ୍ରଦାନ କରିଥିବା ଦର୍ଶାଯାଇଛି। ଉତ୍ତରପ୍ରଦେଶ ପରେ ଦ୍ୱିତୀୟରେ ବିହାରକୁ ୧୦,୨୧୯ କୋଟି, ମଧ୍ୟପ୍ରଦେଶକୁ ୭୯୭୬ କୋଟି, ପଶ୍ଚିମବଙ୍ଗକୁ ୭୬୪୪ କୋଟି, ମହାରାଷ୍ଟ୍ରକୁ ୬୪୧୮ କୋଟି ଓ ରାଜସ୍ଥାନକୁ ୬୧୨୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଅନ୍ଧ୍ରପ୍ରଦେଶକୁ ୪୧୧୨ କୋଟି, ଆସାମକୁ ୩୧୭୮ କୋଟି, ଛତିଶଗଡ଼କୁ ୩୪୬୨ କୋଟି, ଗୁଜୁରାଟକୁ ୩୫୩୪ କୋଟି, ଝାଡ଼ଖଣ୍ଡକୁ ୩୩୬୦ କୋଟି, କର୍ଣ୍ଣାଟକକୁ ୩୭୦୫ କୋଟି, ତାମିଲନାଡୁକୁ ୪୧୪୪ କୋଟି ଓ ତେଲେଙ୍ଗନା ଓ ପଞ୍ଜାବକୁ ୧୮୩୬ କୋଟି ଓ ୨୧୩୬ କୋଟି, ଉତ୍ତରାଖଣ୍ଡକୁ ୧୧୩୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥ ରାଜ୍ୟଗୁଡ଼ିକୁ ପୁଞ୍ଜି ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ଏବଂ ସେମାନଙ୍କ ବିକାଶ ଓ କଲ୍ୟାଣ ସମ୍ବନ୍ଧୀୟ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ।

ଓଡ଼ିଶାକୁ ଟିକସ ପ୍ରାପ୍ତିର ଅଗ୍ରିମ କିସ୍ତି ଭାବରେ ୪,୬୦୧ କୋଟି ପ୍ରଦାନ କରାଯାାଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁସି ଜାହିର କରିଛନ୍ତି। ସେ କହିଛନ୍ତି ଯେ, ସମୟୋଚିତ ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହାଦ୍ୱାରା କେନ୍ଦ୍ର-ରାଜ୍ୟ ସହଯୋଗରେ ବିକାଶ ଓ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ ସମ୍ଭବ ହେବ। ରାଜ୍ୟର କ୍ଷମତାକୁ ବି ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ଓଡ଼ିଶା ସରକାର ଏହି ପାଣ୍ଠିକୁ ଦକ୍ଷତାର ସହିତ ଓ ସ୍ୱଚ୍ଛ ଭାବରେ ବ୍ୟବହାର କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହା କେବଳ ଦେଶର ପ୍ରଗତିରେ ସହାୟକ ହେବନାହିଁ, ରାଜ୍ୟର ଲୋକଙ୍କ ହୀତରେ ଲାଭଦାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ ପ୍ରକାଶ କରିଛନ୍ତି।

## ଉପରାଷ୍ଟ୍ରପତି ଓ ବିଜେପି ରାଷ୍ଟ୍ରୀୟ ସଭାପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଓ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କୁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଜେପି ନଡ୍ଡାଙ୍କୁ ସାକ୍ଷାତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ସାଙ୍ଗଠନିକ ବିଷୟରେ ଆଲୋଚନା କରିଛନ୍ତି। ଏହାସହିତ ରାଜନୈତିକ ପରିସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଭବିଷ୍ୟତ ଯୋଜନା ରଖି କେମିତି ତାକୁ କାର୍ଯ୍ୟକାରୀ କରୁଛନ୍ତି ସେ ସଂପର୍କରେ ମଧ୍ୟ ନଡ୍ଡାଙ୍କୁ ମୋହନ ଅବଗତ କରାଇଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

# ତର୍ଜମା ଆଣେ ବିଚାର ନିଷ୍କର୍ଷ

ଅପରାଧ, ଅପରାଧୀ ଓ ଅଭିଯୋଗକାରୀଙ୍କ ଭିଆଣ। ବିଚାର ଚାଲେ, ବିଚାରାଳୟ, ନ୍ୟାୟାଳୟରେ। ହାଜିର ହୁଅନ୍ତି ଉଭୟ। ବିଚାର ବଢ଼େ। ଅଭିଯୋଗକାରୀ ଅଭିଯୋଗ ବଖାଣେ। ଅଭିଯୁକ୍ତକୁ ଅପରାଧୀ ବୋଲି ସାବ୍ୟସ୍ତ କରିବାକୁ ଯୁକ୍ତିସଙ୍ଗତ ନ୍ୟାୟ ବାଢ଼ନ୍ତି ଅଭିଯୋଗକାରୀ। ଅଭିଯୁକ୍ତଙ୍କ ପକ୍ଷ ମଧ୍ୟ ନିଜକୁ ମୁକ୍ତ କରିବାକୁ , ଦୋଷମୁକ୍ତ କରିବାକୁ ତାଙ୍କର ଆଇନସମ୍ମତ ଯୁକ୍ତି ଦର୍ଶାନ୍ତି।

ଉଭୟଙ୍କର ଜଣାଣର ଶୁଣାଣି କରନ୍ତି ନ୍ୟାୟାଧୀଶ। ଆଇନର ପରିସରରେ ରହି ବିଚାର ଶୁଣାନ୍ତି। ପରେ ବିଚାର ସନ୍ତୋଷଜନକ ହୋଇ ନ ଥିଲେ, ଉପର ବିଚାରାଳୟକୁ ବିଚାର ଆବେଦନ ଯାଏ। ଏପରିକି ଆବଶ୍ୟକ ହେଲେ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ କେତେକ କ୍ରମାନ୍ୱୟରେ ବିଚାରପାଇଁ ପହଞ୍ଚିପାରେ। ପୂର୍ବ ବିଚାରରେ କିଛିଟା ବୈଷୟିକ ତଥ୍ୟ, ପ୍ରମାଣଗତ ସାକ୍ଷ୍ୟର ତାରତମ୍ୟର ଅଭାବ ଅନୁଭବ କଲେ, ସର୍ବୋଚ୍ଚ ନ୍ୟାୟାଳୟ ତାହାକୁ ପୁନର୍ବିଚାର ପାଇଁ ଗ୍ରହଣ କରିପାରନ୍ତି ନତୁବା ଅଗ୍ରାହ୍ୟ କରିପାରନ୍ତି। ପୁନର୍ବିଚାରରେ ଦଣ୍ଡ ଦେଇପାରନ୍ତି କିମ୍ବା କୋହଳ କରିପାରନ୍ତି କିମ୍ବା ବିଚାର ଠିକ୍ ଥିବାର ନିର୍ଦ୍ଦେଶନାମା ଶୁଣାଇପାରନ୍ତି।

ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରକୁ ସମ୍ବିଧାନସମ୍ମତ ମଣି ମାନି ନିଆଯାଏ। ପ୍ରଶ୍ନ ଉଠେ ସମ୍ବିଧାନ ବଡ଼ ନା ଲୋକ ସଭା ବଡ଼ ନା ରାଷ୍ଟ୍ରପତି ବଡ଼। ସ୍ୱାଭାବିକ ମଣିଷ ପାଇଁ ଏ ସବୁ ଶୁଣିବାକୁ ଭଲ ଲାଗେ। ସମ୍ବିଧାନର ଧାରା ବଦଳାଇବା କ୍ଷମତା ନିର୍ବାଚିତ ପ୍ରତିନିଧିଙ୍କର ଅଛି। ସେଥିପାଇଁ ସମ୍ବିଧାନର ଧାରା ବାରମ୍ବାର ଲୋକାଭିମୁଖୀ ହୋଇ ସଂଶୋଧିତ ହୋଇପାରୁଛି। ବହୁଜନହିତାୟ ହୋଇଥିବାରୁ ସମ୍ବିଧାନକୁ ଆଖି ଆଗରେ ରଖି ବିଚାରଧାରା ଚାଲିଥାଏ। ସେହି ସମ୍ବିଧାନର ନିୟମରେ ହିଁ ଲୋକ ସଭା, ରାଜ୍ୟ ସଭା, ରାଜ୍ୟପାଳ, ବିଧାନ ପରିଷଦ, ବିଧାନ ସଭା ଏପରିକି ନ୍ୟାୟାଳୟ ଇତ୍ୟାଦିର ସୃଷ୍ଟି। ପ୍ରତ୍ୟେକଙ୍କର କାର୍ଯ୍ୟସୂଚୀ ଅଲଗା ଅଲଗା। ଜନ ପ୍ରତିନିଧି ଆଇନ ମନଇଚ୍ଛା ବଦଳାଇ ପାରିବେ ନାହିଁ, କିନ୍ତୁ ବଦଳାଇବା ପାଇଁ ସମ୍ବିଧାନସମ୍ମତ ସଂଖ୍ୟାର ସମର୍ଥନ ଥିଲେ ମଧ୍ୟ ଆଇନରେ ପରିବର୍ତ୍ତନ ପାଇଁ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ସ୍ୱୀକୃତି ଲୋଡିବା ଅବଶ୍ୟମ୍ଭାବୀ, ପ୍ରାପ୍ତି ହେଲେ ତାହା ଆଇନର ପରିସରଭୁକ୍ତ ହୋଇଥାଏ।

ସାଧାରଣତଃ ରାଜ୍ୟପାଳ ହୁଅନ୍ତୁ, ରାଷ୍ଟ୍ରପତି ସେମାନେ ନିରପେକ୍ଷ । ସବୁପକ୍ଷର। ଏହା କ'ଣ ବାସ୍ତବରେ ଆମ ଦେଶରେ ପ୍ରତିଫଳିତ ହେଉଛି କି ? ଯେଉଁ ଦଳର ହାତବାରିସି ହୋଇ ଯିଏ ସ୍ଥାପିତ ହୋଇଛନ୍ତି, ସେ ତ ତାଙ୍କର ନୀତି ଆଦର୍ଶକୁ ଆପଣାଇ ନେଉଛନ୍ତି, ପ୍ରାଧାନ୍ୟ ଦେଉଛନ୍ତି। ନିର୍ଭୀକ ନିରପେକ୍ଷ ବିଚାର ଲୁପ୍ତପ୍ରାୟ। ଆଇନରେ ନିରପେକ୍ଷତା ସର୍ବମାନ୍ୟ, କିନ୍ତୁ ଏହା ଆଜିକାଲି ସର୍ବସତ୍ୟ ନୁହେଁ। କାରଣ ଉକ୍ତ ପଦବୀଧାରୀ କୌଣସି ନା କୌଣସି ଦଳଭୁକ୍ତ। ଏଇ ତ ବ୍ୟତିକ୍ରମ। କେହି ଶତପ୍ରତିଶତ ଭୋଟ ପାଇ ନିଜ ବଳରେ ନିର୍ବାଚିତ ହୋଇ ନ ଥାଆନ୍ତି। ତେଣୁ ପକ୍ଷ ଟାଣିବାରେ ଅସ୍ୱାଭାବିକତା ଆସିବନି କାହିଁକି ? ପାର୍ଥକ୍ୟ ଏତିକି ଶତ ପ୍ରତିଶତ ସମର୍ଥନ ହାସଲ ନ କରିଥିଲେ ମଧ୍ୟ ସେମାନଙ୍କ ଦସ୍ତଖତରେ ହେବା ଆଇନଟି ଶତ ପ୍ରତିଶତ ଜନତାଙ୍କ ପାଇଁ। ଏହା ହିଁ ପ୍ରକୃତ ବ୍ୟତିକ୍ରମ। ଆଇନ ଥରେ ହେଲେ ତାହା ରହେ,କାର୍ଯ୍ୟକାରୀ ହୁଏ ବଦଳିବାଯାଏ। ସତ୍ତାଧାରୀ ହେବା ଆଉ ଆଇନ ବଦଳାଇବା ଏ ଦୁଇଟା ଏକାକଥା ନୁହେଁ। ଅଧିକା ଭାଗ ସତ୍ତାପ୍ରାପ୍ତ ହୁଏ, କିନ୍ତୁ ଆଇନ ବଦଳିବାକୁ ଦୁଇ ତୃତୀୟାଂଶର ଆବଶ୍ୟକତା ଅନିବାର୍ଯ୍ୟ ଏବଂ ଅପରିହାର୍ଯ୍ୟ ମଧ୍ୟ। ଏଇଠି କିଛିଟା ବହୁଜନଙ୍କର ସମର୍ଥନ ପ୍ରତଫଳିତ ହେବାର ଉପଲବ୍ଧି ହୁଏ।

କିନ୍ତୁ ବିଚାରାଳୟର ଧାରା ଭିନ୍ନ। ତର୍ଜମା ହୁଏ। ପକ୍ଷ ପ୍ରତିପକ୍ଷଙ୍କୁ ସୁଯୋଗ ଦିଆଯାଏ। ଉଭୟଙ୍କ କଥା ହାକିମ ଶୁଣନ୍ତି। ଉତ୍‌ଥାପିତ ପ୍ରଶ୍ନଗୁଡିକର ମୁହାଁମୁହିଁ ଉତ୍ତର ମଧ୍ୟ ଦେବାର ସୁଯୋଗ ମିଳେ। ଆଇନଜ୍ଞମାନଙ୍କର ଆଇନସମ୍ମତ ଯୁକ୍ତିତର୍କ ମନ୍ତବ୍ୟ ଶୁଣିଲାପରେ ଖଣ୍ଡପୀଠ ବିଚାର ଶୁଣାନ୍ତି। ସ୍ଥଳ ବିଶେଷରେ ଆପତ୍ତିର ଗୁରୁତ୍ୱ ଦେଖି ଖଣ୍ଡପୀଠ ହାକିମଙ୍କ ସଂଖ୍ୟାମଧ୍ୟ ବୃଦ୍ଧି କରିଥାନ୍ତି। ଆଇନର ଯଥୋଚିତ ଚର୍ଚ୍ଚାରୁ ନିଷ୍କର୍ଷ ଆସେ, ତାହା ଖଣ୍ଡପୀଠଙ୍କ ବିଚାରର ଫଳ ହୋଇ ପ୍ରକାଶିତ ହୁଏ ଏବଂ କାର୍ଯ୍ୟକାରୀ କରାଯାଏ। ଏଥିରେ ଯେ ଭୁଲଭଟକା ମୋଟେ ନାହିଁ ଏକଥା କହି ହୁଏ ନାହିଁ, ତଥାପି ଆଇନତଃ ତାକୁ ମାନିବାକୁ ବାଧ ହେବାକୁ ହୁଏ। ସେ ପ୍ରକାର ବିଚାର ସବୁକୁ ସମାନ। ସମକକ୍ଷ ସେହି ସ୍ତରର ମକଦ୍ଦମାରେ ଉଦାହରଣ ରୂପେ ନିଆଯାଇ ସମ୍ପ୍ରତି ବିଚାରକୁ ପରିସ୍ଥିତି ଦେଖି ସିଦ୍ଧ କରାଯାଏ।

ଲୋକପ୍ରତିନିଧି ବିଚାରରେ ଦଳୀୟ ପ୍ରଭାବ ପ୍ରତିଭାତ ହେଲାବେଳେ, ବିଚାରାଳୟରେ ନିର୍ଦ୍ଦଳୀୟ ପରିବେଶରେ ତର୍ଜମା ପୂର୍ବକ ବିଚାର ହୁଏ। ତେଣୁ ତାହା ଆପେକ୍ଷିକ ଭାବରେ ଗ୍ରହଣୀୟର ଭାବ ବହନ କରେ। ଜନ ସମର୍ଥନରେ ଆସିଥିବା ଲୋକମାନେ ଜନକଲ୍ୟାଣ ପାଇଁ ଭଲମନ୍ଦ ଭାବୁଥିବା ସବୁକାର୍ଯ୍ୟ ଯେ ଆଇନସମ୍ମତ ଏହା ଭାବିବାର ବେଳ ଆସିଛି। ତର୍ଜମା ବିନା ନିର୍ଯାସ ସମ୍ଭବ କି ? ଆଉ ଯାହା ସମ୍ଭବ ଏବଂ ସତ୍ୟ ସେ ସବୁକୁ ତ ନ୍ୟାୟାଳୟରେ ଠିକ୍ ବୋଲି ଧରିନେବାରେ କୌଣସି ପ୍ରତିବନ୍ଧକ ଆସେନି। କାରଣ ସମସ୍ତ ଜନହିତକର ଆଇନକୁ କେବେହେଲେ ଅସିଦ୍ଧ କରାଯାଏନି। ପରିଷଦରେ ନିୟୋଜିତ ଯୁକ୍ତିସଙ୍ଗତ ବିଚାର ନ୍ୟାୟାଳୟରେ ଅଧିକ ବିଚାରର ଶରବ୍ୟ ହୁଏ, ବେଳେ ବେଳେ ସ୍ଥିର ରହିପାରେ କିମ୍ବା ତା'ର ଗତି ବଦଳାଇପାରେ ସମ୍ବିଧାନର ଧାରା ମଧ୍ୟରେ।

ଅବଶ୍ୟ ନିଷ୍କର୍ଷ ଏତିକି ଆସିପାରେ, ଯାହା ଆସୁଛି ତାହା ସବୁକାଳ ପାଇଁ ଯେ ଅପରିବର୍ତ୍ତନୀୟ ଏ ଭାବନା କେବେ ମନକୁ ନ ଆସୁ। ପ୍ରତ୍ୟେକ ସୃଷ୍ଟ ଆଇନର ବିଚାରଧାରାକୁ ବିଶ୍ଳେଷଣ କଲେ ନୂତନ ଦିଗଦର୍ଶନ ମିଳେ। ପ୍ରଚଳିତ ଆଇନ ଯେ ପୁନଃ ସଂଶୋଧନ ପରେ ସଂସ୍ଥାପିତ ନ ହେବ ଏହା କିଏ କହିପାରିବ। ସଦା ସର୍ବଦା ପରିବର୍ତ୍ତନ ହିଁ ସ୍ଥିର।

# ଆମେରିକାର ଭିସା ଦେୟ ବୃଦ୍ଧି

ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ଏଚ୍‌ୱାନ୍‌ବି ଭିସା ଦେୟ ବୃଦ୍ଧି କରିଛି। ଅଚାନକ ଏହି ଦେୟ ଦେଢ଼ ହଜାର ଆମେରିକୀୟ ଡଲାରରୁ ଏକ ଲକ୍ଷ ଆମେରିକୀୟ ଡଲାରକୁ ବୃଦ୍ଧି କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଅନେକେ ଏହାକୁ ଭାରତୀୟ ସୂଚନା ପ୍ରଯୁକ୍ତି ବୃତ୍ତିଜୀବୀ ଓ କମ୍ପାନୀମାନଙ୍କ ପାଇଁ ବିପରୀତ ଭାବେ ଦେଖୁଛନ୍ତି। କିନ୍ତୁ ବାସ୍ତବରେ ଏହା ବିପଦ ନୁହେଁ ବରଂ ଭାରତ ପାଇଁ ନୂତନ ସୁଯୋଗ। ଏପରିକି ଏହି ଦେୟ ବୃଦ୍ଧି ପାଇଁ ଭାରତର ବିରୋଧୀ ଦଳଗୁଡିକ କେନ୍ଦ୍ର ସରକାରଙ୍କ ବିଫଳ ବିଦେଶ ନୀତି ଦାୟୀ ବୋଲି କହୁଛନ୍ତି।




ଏଚ୍.ୱାନ୍.ବି ଭିଜା କ'ଣ ? ଏଚ୍.ୱାନ୍.ବି ଭିଜା ହେଉଛି ଯୁକ୍ତରାଷ୍ଟ୍ର ସରକାରଙ୍କ ଅଣ-ପ୍ରବାସୀ ଭିଜା କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଆମେରିକୀୟ କମ୍ପାନୀମାନେ ବିଦେଶୀ ଦକ୍ଷ ପେସାଜୀବୀଙ୍କୁ ନିଯୁକ୍ତ କରନ୍ତି। ବିଶେଷତଃ ସୂଚନା ପ୍ରଯୁକ୍ତି କ୍ଷେତ୍ର, ପ୍ରଯୁକ୍ତିବିଦ୍ୟା କ୍ଷେତ୍ର, ଅଟୋମୋଟିଭ ଶିଳ୍ପ, ଆର୍ଥିକ ପରାମର୍ଶ, ଚିକିତ୍ସା ସେବା କ୍ଷେତ୍ର ଭଳି କ୍ଷେତ୍ରରେ ଏହାର ବ୍ୟବହାର ଅଧିକ ହୁଏ। ଏହି ଭିଜାଧାରୀମାନେ ସାଧାରଣତଃ ତିନି ବର୍ଷ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ରରେ ରହି କାମ କରିପାରନ୍ତି, ଯାହାକୁ ପରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଆମେରିକାର ଶ୍ରମ ବିଭାଗର ନିର୍ଦ୍ଦେଶ ଅନୁସାରେ ଏହି ଭିଜାଧାରୀଙ୍କ ବାର୍ଷିକ ସର୍ବନିମ୍ନ ବେତନ ଷାଠିଏ ହଜାର ଆମେରିକୀୟ ଡଲାର ରହିଛି। ନିକଟ ଅତୀତରେ ଏହାକୁ ଦେଢ଼ଲକ୍ଷ ଡଲାରକୁ ବୃଦ୍ଧି କରିବାକୁ ଯୋଜନା ହେଉଛି। ଏହି ଭିଜାର ଅନ୍ୟ ସୁବିଧାଗୁଡ଼ିକ ଯେପରିକି ଗ୍ରୀନକାର୍ଡ ଆବେଦନ, ଜୀବନସାଥୀଙ୍କୁ ଆମେରିକାରେ କାର୍ଯ୍ୟ କରିବାକୁ ଅନୁମତି ଇତ୍ୟାଦି ଏହାକୁ ଅଧିକ ଲୋକପ୍ରିୟ କରିଥିଲା। ଏହା ପ୍ରକୃତରେ ଅସ୍ଥାୟୀ ରୂପେ କୁଶଳୀ କର୍ମଚାରୀଙ୍କୁ ବିଦେଶରୁ ଆଣି ଉଚ୍ଚ କୁଶଳୀ କ୍ଷେତ୍ରଗୁଡିକରେ ଆମେରିକୀୟ ବୃତ୍ତିଜୀବୀଙ୍କୁ ସାହାଯ୍ୟ କରିବା ପାଇଁ ସୃଷ୍ଟି କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନୀଗୁଡିକ ନିଜ ଲାଭ ପାଇଁ କମ୍ ଦରମାରେ ଅର୍ଦ୍ଧକୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି କରି ଆମେରିକୀୟ କୁଶଳୀ କର୍ମଚାରୀଙ୍କର ବିକଳ୍ପ ରୂପେ ବ୍ୟବହାର କରୁଛନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଲା। ଫଳ ସ୍ୱରୂପ ପ୍ରବାସୀଙ୍କ ବିରୋଧରେ ଏକ ବାତାବରଣ ସୃଷ୍ଟି ହୋଇ କଠୋର ନିୟମ ଆଣିବାକୁ ସରକାରଙ୍କ ଉପରେ ଚାପ ସୃଷ୍ଟି ହେଲା।

ବିଷୟଟିକୁ ଆଲୋଚନା କଲେ ସ୍ପଷ୍ଟ ହୁଏ ଯେ ଏହା ଆମ ପାଇଁ ବାଧା ନୁହେଁ, ବରଂ ସୁଯୋଗର ଦ୍ୱାର ଖୋଲିଦେଇଛି। ଡଲାର-ଟଙ୍କାର ଉଚ୍ଚ ବିନିମୟ ମୂଲ୍ୟ ହିଁ ବିଦେଶୀ କମ୍ପାନୀଗୁଡ଼ିକ ଭାରତୀୟ ପ୍ରତିଭାଙ୍କୁ ଅଗ୍ରାଧିକାର ଦେବାର ପ୍ରକୃତ କାରଣ। ଏହି ଉଚ୍ଚ ବିନିମୟ ମୂଲ୍ୟ ଲୋଭରେ ଭାରତରୁ ଅନ୍ୟ ଦେଶକୁ ଚାଲିଯାଉଥିବା କୁଶଳୀମାନେ ପରୋକ୍ଷରେ ଅନ୍ୟ ଦେଶର ଆର୍ଥିକ, ସାମାଜିକ ତଥା ଉଦ୍ୟୋଗ ବିକାଶର କାରଣ ହେଉଛନ୍ତି। ଯଦି ବର୍ଦ୍ଧିତ ଭିଜା ଦେୟ ପାଇଁ ବିଦେଶୀ କମ୍ପାନୀମାନେ ଭାରତୀୟଙ୍କୁ ନିଯୁକ୍ତି ଦେବାକୁ ଅସମର୍ଥ ହେବେ, ତେବେ ପରୋକ୍ଷରେ ସେମାନେ ତାଙ୍କ କାମକୁ ଭାରତକୁ ଆଉଟସୋର୍ସିଂ କରିବାକୁ ବାଧ ହେବେ। କାରଣ ସୂଚନା ପ୍ରଯୁକ୍ତି ବିଦ୍ୟା ତଥା ଅନ୍ୟ ଟେକ୍ନୋଲୋଜି କ୍ଷେତ୍ରରେ ଭାରତୀୟ ପ୍ରତିଭାଙ୍କର କର୍ତ୍ତୃତ୍ୱ ବଜାୟ ରହିଛି। ବିଦେଶୀ କମ୍ପାନୀମାନଙ୍କ ପାଇଁ ଏହାର ବିକଳ୍ପ ନାହିଁ। ଭିଜା ଦେୟ ବଢ଼ିବାରୁ ଯୁକ୍ତରାଷ୍ଟ୍ର କମ୍ପାନୀମାନେ ପ୍ରଫେସନାଲକୁ ନେଇଯିବା ପରିବର୍ତ୍ତେ ଭାରତକୁ କାମ ଆଉଟସୋର୍ସ କରିବାକୁ ପସନ୍ଦ କରିବେ। ଏହା ସୂଚନା ପ୍ରଯୁକ୍ତି ସେବାକୁ ନେଇ ଭାରତର ପ୍ରଭାବକୁ ଆହୁରି ବିଶବ୍ୟାପୀ କରାଇବ। ଆଉଟସୋର୍ସିଂ ବଢ଼ିଲେ, ସେହି ପ୍ରତିଭା ଦେଶରେ ରହି ଭାରତର ଅର୍ଥନୀତିକୁ ଶକ୍ତିଶାଳୀ କରିପାରିବ। କୋଭିଡ୍-୧୯ ପରେ ରିମୋଟ ୱାର୍କ (ଘରୁ କାମ କରିବା ) ଏକ ସାଧାରଣ କଥାରେ ପରିଣତ ହୋଇଛି। ଭିଜାଦେୟ ବୃଦ୍ଧି ଏହାକୁ ଅଧିକ ଗତିଶୀଳ କରିବ ତଥା ଆଞ୍ଚଳିକ ବିକାଶ ପାଇଁ ବାଟ ଖୋଲିଦେବ। ଭାରତୀୟ ସହର ଏପରିକି ଗ୍ରାମାଞ୍ଚଳଗୁଡ଼ିକରେ ରହି ପ୍ରଫେସନାଲମାନେ ସିଲିକନ ଭ୍ୟାଲି ପାଇଁ କାମ କରିପାରିବେ। ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ସୁବର୍ଣ୍ଣ ସମୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଆଇ, ତଥ୍ୟ ବିଜ୍ଞାନ, ବ୍ଲକଚେନ, ଫିନଟେକ, ସାଇବର ନିରାପତ୍ତା ଭଳି ଉଦୀୟମାନ କ୍ଷେତ୍ରରେ ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକ ବିଶ୍ୱସ୍ତରୀୟ କ୍ଲାଇଣ୍ଟ ପାଇବାର ସୁଯୋଗ ମିଳିବ। ଏହା ନୂତନ ଉଦ୍ୟମୀମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ଆଣିପାରେ।

ସୁଯୋଗକୁ ଚରିତାର୍ଥ କରିବା ପାଇଁ ଆମକୁ ଦକ୍ଷତା ବିକାଶ, ଛୋଟ ସହର ତଥା ଗ୍ରାମାଞ୍ଚଳ ଗୁଡିକରେ ସୂଚନା ପ୍ରଯୁକ୍ତି ଭିତ୍ତିଭୂମି ଉପଲବ୍ଧ କରାଇବା, ନବସୃଜନ ଷ୍ଟାର୍ଟଅପ ଅନୁକୂଳ ନୀତି ଓ ସରକାରୀ ପ୍ରୋତ୍ସାହନକୁ ପ୍ରାଥମିକତା ଦେବା ଆବଶ୍ୟକ। ଆମ ଉଚ୍ଚ କୁଶଳୀ ଯୁବପ୍ରତିଭା ଭାରତର ସବୁଠାରୁ ବଡ଼ ଶକ୍ତି। ଆତ୍ମନିର୍ଭର ଭାରତର ସ୍ଲୋଗାନକୁ ବାସ୍ତବତାର ରୂପ ଦେବା ପାଇଁ ଏହା ପ୍ରକୃଷ୍ଟ ସମୟ। କୁଶଳୀ ଭାରତୀୟମାନେ ଏକ କୁଶଳ ତଥା ଆତ୍ମନିର୍ଭର ଭାରତ ନିର୍ମାଣରେ ଭାଗୀଦାରି ହେବା ଗୌରବର କଥା ନୁହେଁ କି ?

ବିଦେଶରେ ଭାରତୀୟମାନଙ୍କ ପ୍ରତି ଉଦ୍ଦେଶ୍ୟମୂଳକ ଭାବେ ଈର୍ଷା ଓ ହିଂସା ପ୍ରଦର୍ଶନର ଖବର ବ୍ୟାପକ ହେଉଛି। ନିଜ ଦେଶରେ ରହି ନିଜକୁ ତଥା ନିଜ ପିଲାଙ୍କୁ ବିଶ୍ୱର ସର୍ବୋତ୍ତମ ସଂସ୍କୃତି ଭାରତୀୟ ସଂସ୍କୃତିରେ ଗଢିତୋଳିବା ଶ୍ରେୟସ୍କର ନୁହେଁ କି ? ଅଧିକ ଅର୍ଥ ଉପାର୍ଜନ ଲୋଭରେ ନିଜ ଦେଶ, ପରିବାର ଓ ସଂସ୍କୃତିର ପ୍ରତିକୂଳରେ ଯାଇ ନିଜକୁ ତଥା ନିଜର ଆଗାମୀ ପିଢ଼ିକୁ ଏକ ଅନିଶ୍ଚିତ ଦୁନିଆରେ ପ୍ରତିଷ୍ଠିତ କରାଇବାର ଆକାଂକ୍ଷା କେତେ ବୁଦ୍ଧିମତ୍ତା ତାହା ପୁନଃ ବିଶ୍ଳେଷଣ କରିବା ଉଚିତ ଯେତେବେଳେ ଆମ ଦେଶ ଭାରତ ନୂତନ ସୁଯୋଗର ଭୂମି ଭାବେ ଉଦୀୟମାନ ହୋଇ ସାରା ବିଶ୍ୱରୁ ଉଦ୍ୟୋଗପତିଙ୍କୁ ଭାରତରେ ନିବେଶ କରାଇବା ପାଇଁ ପ୍ରବର୍ତ୍ତାଇ ପାରୁଛି ସେତେବେଳେ ଅନ୍ୟ ଦେଶରେ ପ୍ରବାସୀ ବା ତୃତୀୟଶ୍ରେଣୀ ନାଗରିକ ହୋଇ ପ୍ରତି ମୁହୂର୍ତ୍ତରେ ଭୟ ଓ ଅନିଶ୍ଚିତତାକୁ ଆଲିଙ୍ଗନ କରିବାର ଆବଶ୍ୟକତା କ'ଣ ? ତେଣୁ ଭିସା ଶୁଳ୍କ ବୃଦ୍ଧି ଭାରତୀୟ ଉଦ୍ୟୋଗ କ୍ଷେତ୍ର ପାଇଁ ବିପଦ ନୁହେଁ। ବରଂ ଏହା ଆମ ନିଜସ୍ୱ ପ୍ରତିଭାକୁ ନୂତନ ସୁଯୋଗ ଦେଇ ବିଶ୍ୱକୁ ନେତୃତ୍ୱ ଦେବାର ରାସ୍ତା ଖୋଲିଛି।

## ପାକିସ୍ତାନକୁ ଖୋଲା ଭାରତୀୟ ସେନାମୁଖ୍ୟଙ୍କ ଚେତାବନୀ

# ବିଶ୍ୱ ମାନଚିତ୍ରରୁ ହଜିଯିବ ପାକିସ୍ତାନର ଚିହ୍ନବର୍ଣ୍ଣ



ନୂଆଦିଲ୍ଲୀ,: ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶ୍ରୀ ଗଙ୍ଗାନଗରର ଘଡସାନାର ୨୨ ଏମ୍‌ଡି ଗ୍ରାମର ସୀମାନ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେ ସେନା ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଅଧିକାରୀଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ଆତଙ୍କବାଦ ବିରୁଦ୍ଧରେ ଭାରତର ପ୍ରସ୍ତୁତି ସମୀକ୍ଷା କରିଥିଲେ। ଏହି ଅବସରରେ ଶ୍ରୀ ଦ୍ୱିବେଦୀ ପାକିସ୍ତାନକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ଯଦି ପାକିସ୍ତାନ ଆତଙ୍କବାଦକୁ ସମର୍ଥନ କରିବା ବନ୍ଦ ନ କରେ, ତେବେ ଏହାକୁ ବିଶ୍ୱ ମାନଚିତ୍ରରୁ ପୋଛି ଦିଆଯିବ। ଜେନେରାଲ ଦ୍ୱିବେଦୀ କହିଥିଲେ ଯେ ଏଥର ଭାରତୀୟ ସେନା ପୂର୍ବ ପରି ସଂଯମତା ଦେଖାଇବ ନାହିଁ। ଯଦି ପାକିସ୍ତାନ ଆତଙ୍କବାଦକୁ ପ୍ରସାର କରିବା ବନ୍ଦ ନ କରେ, ତେବେ 'ଅପରେସନ ସିନ୍ଦୂର'ର ଦ୍ୱିତୀୟ ପର୍ଯ୍ୟାୟ ଖୁବଶୀଘ୍ର ଦେଖିବାକୁ ମିଳିପାରେ। ଅପରେସନ ସିନ୍ଦୂରର ପ୍ରଥମ ଭାଗରେ ଭାରତୀୟ ସେନା ୯ଟି ପାକିସ୍ତାନୀ ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଥିଲା। ଏହି ଅପରେସନରେ ପ୍ରାୟ ୧୦୦ ପାକିସ୍ତାନୀ ସେନା କର୍ମଚାରୀ ଏବଂ ଅନେକ ଆତଙ୍କବାଦୀ ନିହତ ହୋଇଥିଲେ। କିନ୍ତୁ ଯଦି ଅପରେସନ୍ ସିନ୍ଦୂର'ର ୨ୟ ଭାଗ ଆରମ୍ଭ କରିବାକୁ ପଡେ ତେବେ ପାକିସ୍ତାନକୁ ବଡ଼ କ୍ଷତି ସହିବାକୁ ପଡ଼ିବ। ଏବେ ପାକିସ୍ତାନ ଉପରେ ନିଷ୍ପତ୍ତି ରହିଲା ଯେ ଏହା ନିଜ ସ୍ଥିତି ବଜାୟ ରଖିବାକୁ ଚାହୁଁଛି କି ନାହିଁ। ଯଦି ପାକିସ୍ତାନ ନିଜ ସ୍ଥିତି ବଜାୟ ରଖିବାକୁ ସାମାନ୍ୟତମ ଇଚ୍ଛା ମଧ୍ୟ ରଖୁଛି ତେବେ ଏହାକୁ ତୁରନ୍ତ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ବନ୍ଦ କରିବାକୁ ପଡିବ।' ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ, ଅପରେଶନ ସିନ୍ଦୁର ୧.୦ ସମୟରେ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଥିବା ତିନି ଜଣ ଅଧିକାରୀଙ୍କୁ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷେ ଜେନେରାଲ୍ ଶ୍ରୀ ଦ୍ୱିବେଦୀ ଭାରତୀୟ ଯବାନମାନଙ୍କୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେବା ସହିତ ଯଦି ଭଗବାନଙ୍କ ଇଚ୍ଛା ହୁଏ, ତେବେ ସେମାନଙ୍କୁ ଜଲଦି ଏକ ବଡ଼ ସୁଯୋଗ ମିଳିବ ବୋଲି କହିଛନ୍ତି।

## ୫ ବର୍ଷ ପରେ ପୁଣି ଆରମ୍ଭ ହେବ ଭାରତ-ଚୀନ ମଧ୍ୟରେ ବିମାନ ସେବା

ନୂଆଦିଲ୍ଲୀ: ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ଏହି ଆଲୋଚନା ପରେ, ବର୍ତ୍ତମାନ ଏହା ସହମତ ହୋଇଛି ଯେ ଭାରତ ଏବଂ ଚୀନ୍ ମଧ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକୁ ସଂଯୋଗ କରୁଥିବା ସିଧାସଳଖ ବିମାନ ସେବା ୨୦୨୫ ଅକ୍ଟୋବର ଶେଷ ସୁଦ୍ଧା ପୁନଃ ଆରମ୍ଭ ହୋଇପାରିବ। ନୂଆଦିଲ୍ଲୀ,୩।୧୦/ଏଜେନ୍ସି: ଦୀର୍ଘ ୫ ବର୍ଷ ପରେ ପୁଣିଥରେ ଭାରତ ଏବଂ ଚୀନ୍ ମଧ୍ୟରେ ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଛି। ଚଳିତ ମାସ ଶେଷ ସୁଦ୍ଧା ଉଭୟ ଦେଶ ପରସ୍ପର ମଧ୍ୟରେ ସିଧାସଳଖ ବେସାମରିକ ବିମାନ ସେବା ପୁନଃ ଆରମ୍ଭ କରିବାକୁ ରାଜି ହୋଇଛନ୍ତି। ଏତଦ୍‌ବ୍ୟତୀତ ଉଭୟ ଦେଶ ଏକ ସଂଶୋଧିତ ବିମାନ ସେବା ଚୁକ୍ତିନାମା ଉପରେ ଆଲୋଚନା କରୁଛନ୍ତି। ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଧୀରେ ଧୀରେ ସ୍ୱାଭାବିକ କରିବା ପାଇଁ ଭାରତ ସରକାରଙ୍କ ନୀତିର ଏକ ଅଂଶ ବୋଲି କୁହାଯାଉଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ଏହି ଆଲୋଚନା ପରେ, ବର୍ତ୍ତମାନ ଏହା ସହମତ ହୋଇଛି ଯେ ଭାରତ ଏବଂ ଚୀନ୍ ମଧ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକୁ ସଂଯୋଗ କରୁଥିବା ସିଧାସଳଖ ବିମାନ ସେବା ୨୦୨୫ ଅକ୍ଟୋବର ଶେଷ ସୁଦ୍ଧା ପୁନଃ ଆରମ୍ଭ ହୋଇପାରିବ। ବିବୃତ୍ତିରେ କୁହାଯାଇଛି, 'ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏହି ଚୁକ୍ତିନାମା ଭାରତ ଏବଂ ଚୀନ୍ ମଧ୍ୟରେ ଲୋକ-ଲୋକଙ୍କ ସମ୍ପର୍କକୁ ଆହୁରି ପ୍ରୋତ୍ସାହିତ କରିବ, ଦ୍ୱିପାକ୍ଷିକ ଆଦାନପ୍ରଦାନକୁ ଧୀରେ ଧୀରେ ସ୍ୱାଭାବିକ କରିବାରେ ସହାୟକ ହେବ।'

## ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉପହାର, ଦୁଇଟି ନୂଆ ଯୋଜନା କଲେ ଶୁଭାରମ୍ଭ





ନୂଆଦିଲ୍ଲୀ : ବିହାର ଯୁବକ ଓ ଛାତ୍ରମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଡ଼ ଉପହାର ଦେଇଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପ୍ରଧାନମନ୍ତ୍ରୀ ଏହି ଦୁଇ ଯୋଜନାର ଶୁଭାରମ୍ଭ କରିଛନ୍ତି । ନୂଆ ମୁଖ୍ୟମନ୍ତ୍ରୀ ନିଶ୍ଚୟ ସ୍ୱଂୟ ସହାୟତା ଭତ୍ତା ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହା ଅଧିନରେ ବିହାରର ସ୍ନାତକ ପାସ୍ କରି ବେକାର ଥିବା ୫ ଲକ୍ଷ ଯୁବକ ଏହାଦ୍ୱାରା ଉପକୃତ ହେବେ । କର୍ମନିଯୁକ୍ତି ପାଇ ନଥିବା ଯୁବକ ଏଣିକି ମାସକୁ ୧ ହଜାର ଟଙ୍କା ପାଇବେ । ସେମାନଙ୍କୁ ମାଗଣା କୌଶଳ ତାଲିମ ମଧ୍ୟ ଦିଆଯିବ । ବୃତ୍ତିଗତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ବିହାରରେ ଜନ ନାୟକ କର୍ପୁରୀ ଠାକୁର ସ୍କିଲ୍ ବିଶ୍ୱବିଦ୍ୟାଳୟର ଉଦଘାଟନ କରିଛନ୍ତି । ସେହିପରି ଆଜି ନୂଆ ଛାତ୍ର କ୍ରେଡିଟ୍ କାର୍ଡ ଯୋଜନା ମଧ୍ୟ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଏହାଦ୍ୱାରା ବିହାରର ସ୍ନାତକ ଛାତ୍ରମାନେ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁଧମୁକ୍ତ ଋଣ ପାଇବେ । ଏହି ଶିକ୍ଷା ଋଣ ବିହାରର ଉଚ୍ଚଶିକ୍ଷା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ । ଏହି ଯୋଜନାରେ ୩ ଲକ୍ଷ ୯୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ପୂର୍ବରୁ ଉପକୃତ ହୋଇସାରିଛନ୍ତି । ମୋଟ ୭ ହଜାର ୮୮୦ କୋଟିରୁ ଅଧିକ ଟଙ୍କା ଋଣ ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, "କିଛି ବର୍ଷ ପୂର୍ବେ, ଆମ ସରକାର ଆଇଟିଆଇ ଛାତ୍ରମାନଙ୍କ ପାଇଁ ମହାନ ସମାବର୍ତ୍ତନ ସମାରୋହର ଏକ ନୂତନ ପରମ୍ପରା ଆରମ୍ଭ କରିଥିଲେ । ଆଜି ଆମେ ସମସ୍ତେ ଏହି ପରମ୍ପରାରେ ଆଉ ଏକ ମାଇଲଖୁଣ୍ଟ ଦେଖୁଛୁ । ମୁଁ ଭାରତର ପ୍ରତ୍ୟେକ କୋଣରୁ ସମସ୍ତ ଯୁବ ଆଇଟିଆଇ ସହକର୍ମୀଙ୍କୁ ମୋର ହୃଦୟର ସହିତ ଶୁଭେଚ୍ଛା ଜଣାଉଛି । ଆଜିର ସମାରୋହ ଭାରତରେ ଦକ୍ଷତାକୁ ଦିଆଯାଇଥିବା ଗୁରୁତ୍ୱର ପ୍ରତୀକ । ଆଜି ସାରା ଦେଶରେ ଯୁବପିଢ଼ିଙ୍କ ପାଇଁ ଆଉ ଦୁଇଟି ପ୍ରମୁଖ ଶିକ୍ଷା ଏବଂ ଦକ୍ଷତା ବିକାଶ ପ୍ରକଳ୍ପ ଆରମ୍ଭ କରାଯାଇଛି ।" ଗତ ଦୁଇ ଦଶକ ମଧ୍ୟରେ ବିହାର ସରକାର ୫୦ ଲକ୍ଷ ଯୁବପିଢିଙ୍କୁ ରୋଜଗାର ମିଳିଛି । ଗତ କିଛି ବର୍ଷ ମଧ୍ୟରେ ବିହାର ଯୁବକଙ୍କୁ ପାଖାପାଖି ୧୦ ଲକ୍ଷ ସ୍ଥାୟୀ ସରକାରୀ ଚାକିରି ମଧ୍ୟ ମିଳିଛି ।

# ଭାରତ ବୁଲ୍‌ଡୋଜରରେ ନୁହେଁ, ଆଇନ ଦ୍ୱାରା ପରିଚାଳିତ:ମୁଖ୍ୟ ବିଚାରପତି

ନୂଆଦିଲ୍ଲୀ,: ଭାରତର ମୁଖ୍ୟ ବିଚାରପତି ବି.ଆର ଗଭାଇ କହିଛନ୍ତି ଯେ, ଭାରତୀୟ ନ୍ୟାୟିକ ବ୍ୟବସ୍ଥା ବୁଲଡୋଜରର ଶାସନ ଦ୍ୱାରା ପରିଚାଳିତ ନୁହେଁ, ଆଇନର ଶାସନ ଦ୍ୱାରା ପରିଚାଳିତ। ମରିସସ୍‌ରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ, ସେ 'ବୁଲଡୋଜର ନ୍ୟାୟ'କୁ ନିନ୍ଦା କରି ନିଜ ରାୟକୁ ଉଲ୍ଲେଖ କରିଥିଲେ। ଆଇନର ଶାସନର ନୀତି ଏବଂ ଭାରତର ସୁପ୍ରିମକୋର୍ଟ ଦ୍ୱାରା ଏହାର ବ୍ୟାପକ ବ୍ୟାଖ୍ୟା ଉପରେ ଆଲୋକପାତ କରି ଉଔଓ କହିଛନ୍ତି, ଏହି ରାୟ ଏକ ସ୍ୱଷ୍ଟ ବାର୍ତ୍ତା ଦେଇଛି ଯେ, ଭାରତୀୟ ନ୍ୟାୟିକ ବ୍ୟବସ୍ଥା ବୁଲଡୋଜରର ଶାସନ ଦ୍ୱାରା ପରିଚାଳିତ ନୁହେଁ, ଆଇନର ଶାସନ ଦ୍ୱାରା ପରିଚାଳିତ। ବୁଲଡୋଜର ନ୍ୟାୟ ମାମଲାର ରାୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ, କଥିତ ଅପରାଧ ପାଇଁ ଅଭିଯୁକ୍ତଙ୍କ ଘର ଭାଙ୍ଗିବା ଆଇନଗତ ପ୍ରକ୍ରିୟାକୁ ଅଣଦେଖା କରେ, ଆଇନର ଶାସନ ଉଲ୍ଲଂଘନ କରେ ଏବଂ ସମ୍ବିଧାନର ଧାରା ୨୧ ଅନୁଯାୟୀ ଆଶ୍ରୟ ନେବାର ମୌଳିକ ଅଧିକାରକୁ ଉଲ୍ଲଂଘନ କରେ। ସେ କହିଛନ୍ତି, ଏହା ମଧ୍ୟ ସ୍ୱୀକୃତିପ୍ରାପ୍ତ ଯେ କାର୍ଯ୍ୟପାଳିକା ଦ୍ୱିତୀୟ ଭୂମିକା ଗ୍ରହଣ କରିପାରିବ ନାହିଁ। ମରିସସ୍‌ର ରାଷ୍ଟ୍ରପତି ଧରମବୀର ଗୋଖୁଲ, ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ ଏବଂ ମୁଖ୍ୟ ବିଚାରପତି ରେହାନା ମୁଙ୍ଗଲି ଗୁଲବୁଲ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ତାଙ୍କ ଅଭିଭାଷଣରେ ମୁଖ୍ୟ ବିଚାରପତି ୧୯୭୩ କେଶବନନ୍ଦ ଭାରତୀ ମାମଲା ସମେତ ବିଭିନ୍ନ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟର ଉଦାହରଣ ଦେଇଥିଲେ। ଜଷ୍ଟିସ୍ ଗଭାଇ କହିଛନ୍ତି ସାମାଜିକ କ୍ଷେତ୍ରରେ, ଐତିହାସିକ ଅନ୍ୟାୟର ସମାଧାନ ପାଇଁ ଆଇନ ପ୍ରଣୟନ କରାଯାଇଛି, ଏବଂ ଉପେକ୍ଷିତ ସମ୍ପ୍ରଦାୟଗୁଡ଼ିକ ପ୍ରାୟତଃ ଏଗୁଡ଼ିକୁ ଏବଂ ଆଇନର ଶାସନର ଭାଷାକୁ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବା ପାଇଁ ବ୍ୟବହାର କରିଛନ୍ତି।

# 'ମାଓବାଦୀ ମୁକ୍ତ ହେବ ପ୍ରତିଟି ଗାଁ, ୨୦୩୧ ସୁଦ୍ଧା ୨୪ ଘଣ୍ଟା ମିଳିବ ପାଣି-ବିଜୁଳି:ଅମିତ ଶାହା



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶନିବାର ଛତିଶଗଡ଼ର ବସ୍ତରରେ ପହଞ୍ଚିଥିଲେ। ଏହି ଗସ୍ତ ଅନେକ ଦୃଷ୍ଟିରୁ ଐତିହାସିକ ଥିଲା। ଅମିତ ଶାହା ପ୍ରଥମେ ମା' ଦାନ୍ତେଶ୍ୱରୀ ମନ୍ଦିରରେ ପ୍ରାର୍ଥନା କରିଥିଲେ ଏବଂ ବସ୍ତରକୁ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ଦେବୀଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ତା'ପରେ ସେ ବସ୍ତର ଦଶହରାର ଏକ ଗୁରୁତ୍ୱପୂର୍ଣ୍ଣ ରୀତି, ମୁରିଆ ଦରବାରରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ ପରମ୍ପରା ଅନୁଯାୟୀ, ସେ ବସ୍ତର ଦଶହରା କମିଟିର ମୁଖ୍ୟ ଏବଂ ସମସ୍ତ ଗ୍ରାମ ମୁଖ୍ୟଙ୍କ ସହିତ ସାକ୍ଷାତ କରିଥିଲେ, ସେମାନଙ୍କ ଗାଁର ସମସ୍ୟା ଶୁଣିଥିଲେ ଏବଂ ପ୍ରଶାସନକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ବସ୍ତର ଦଶହରାର ମୁଖ୍ୟ ମାଝୀ ଚଲକିଆମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ୨୦୩୧ ସୁଦ୍ଧା ବସ୍ତରର ପ୍ରତ୍ୟେକ ଗାଁରେ ବିଦ୍ୟୁତ, ରାସ୍ତା ଏବଂ ପାଣି ରହିବ। ଏହା ସର୍ବାଙ୍ଗୀନ ବିକାଶ କରିବ। ମାଓବାଦୀ ମୁକ୍ତ ହେବାକୁ ଥିବା ଗ୍ରାମଗୁଡ଼ିକର ବିକାଶ ପାଇଁ ଛତିଶଗଡ଼ ସରକାର ୧ କୋଟି ଟଙ୍କା ଯୋଗାଇ ଦେଉଛନ୍ତି ଏବଂ ଏହି ରାଶି ଗ୍ରାମଗୁଡ଼ିକରେ ବିକାଶ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଛି। ସେ କହିଥିଲେ ଯେ ୨୦୩୧ ସୁଦ୍ଧା ବସ୍ତର ଡିଭିଜନରେ ବିଦ୍ୟୁତ ବିନା କୌଣସି ଗାଁ ରହିବ ନାହିଁ। ବସ୍ତର ମହୋତ୍ସବ ମଞ୍ଚରୁ ଜନସାଧାରଣଙ୍କୁ ସମ୍ବୋଧିତ କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ, 'ମୁଁ ଦେବୀ ଦନ୍ତେଶ୍ୱରୀଙ୍କୁ ପ୍ରାର୍ଥନା କରିଛି ଯେ ୩୧ ମାର୍ଚ୍ଚ, ୨୦୨୬ସୁଦ୍ଧା ବସ୍ତର ସମ୍ପୂର୍ଣ୍ଣ ନକ୍ସଲ ବା ମାଓବାଦୀ ମୁକ୍ତ ହେଉ। ଦୟାକରି ଆମର ସୈନିକମାନଙ୍କୁ ଏହି ଲାଲ ଆତଙ୍କକୁ ସବୁଦିନ ପାଇଁ ଶେଷ କରିବା ପାଇଁ ଶକ୍ତି ଦିଅ।' ସେ କହିଥିଲେ ଯେ ଦିଲ୍ଲୀର କିଛି ଲୋକ ଦାବି କରନ୍ତି ଯେ ବସ୍ତରରେ ବିକାଶ ଏବଂ ନକ୍ସଲବାଦ ମଧ୍ୟରେ ଯୁଦ୍ଧ ଚାଲିଛି, କିନ୍ତୁ ବର୍ତ୍ତମାନ ବସ୍ତର ବିକାଶ ପଥରେ ଦୃଢ଼ ଭାବରେ ଆଗକୁ ବଢୁଛି। ଏଠାରେ, ସେ କହିଥିଲେ, 'ଏଠାରେ ପ୍ରତ୍ୟେକ ପରିବାରରେ ବିଦ୍ୟୁତ, ଶୌଚାଳୟ, ପାନୀୟ ଜଳ, ସ୍ୱାସ୍ଥ୍ୟ ବୀମା ଏବଂ ରାସନ ଭଳି ସୁବିଧା ଉପଲବ୍ଧ। ଅମିତ ଶାହା କହିଛନ୍ତି ଯେ ନକ୍ସଲବାଦ କାହାକୁ ଲାଭ ଦେଇନାହିଁ। ଯେଉଁ ଯୁବକମାନଙ୍କୁ ଭ୍ରମିତ କରି ଏହି ପଥ ଗ୍ରହଣ କରାଯାଇଛି ସେମାନେ ମୁଖ୍ୟସ୍ରୋତକୁ ଫେରି ଆସିବା ଉଚିତ। ଛତିଶଗଡ଼ର ଆତ୍ମସମର୍ପଣ ନୀତି ଦେଶରେ ସର୍ବୋତ୍ତମ। ଗତ ମାସରେ, ବସ୍ତର ଡିଭିଜନରେ ୫୦୦ ରୁ ଅଧିକ ନକ୍ସଲ ଆତ୍ମସମର୍ପଣ କରିଛନ୍ତି।'

## ସାଙ୍ଗ ଯାଇଥିଲେ ଗାଧୋଇ

ବାବା ଗଲେ ଯେବେ ଶ୍ରାବଣୀ ଭାରକୁ
ଏକୁଟିଆ ହେଲେ ସାଙ୍ଗ,
ଛାଟିପିଟି ହୋଇ ଘରଟି ଭିତରେ
ଦେଖେଇଲେ ନାନା ରଂଗ ।
ଏଇ ସମୟରେ ଦେଖିଦେଲି ମୁଁ
ସାଙ୍ଗ ମୋର କାନ୍ଦୁଛନ୍ତି,
ଆଦି ଭାଇ ମାମା ଯେତେ ବୁଝେଇଲେ
କାହାକୁ ଶୁଣୁନାହାନ୍ତି ।
ଯାଉଥିଲି ମୁହିଁ ପୋଖରୀକୁ ଏକା
ଥଣ୍ଡା ଜଳେ ଗାଧୋଇବି,
ସାଙ୍ଗଙ୍କୁ କହିଲି ଯିବ କି ମୋ ସାଥେ
କହିଲେ ତୁମକୁ ନେବି ।
ହଁ ମାରି ସାଙ୍ଗ ଆସିଗଲେ ସିନା
ପୋଖରୀ ଦେଖିଲେ ଯେବେ,
ପିଳେହି ତାଙ୍କର ହେଇଗଲା ପାଣି
କହିଲେ ଫେରିବା ଏବେ ।
ପଶିଲେନି ସାଙ୍ଗ ପାଣି ଭିତରକୁ
ଗାମୁଛାକୁ ଓଦା କରି,
ଦେହ,ମୁଣ୍ଡ ସାରା ପୋଛି ହୋଇଗଲେ
ଗାଧୁଆଟି ଦେଲେ ସାରି ।
ପଚାରିଲି ସାଙ୍ଗ ଇଏ ଗାଧୁଆ
ଦେଖି ନାହିଁ କେବେ ମୁହିଁ,
ତରବର ହୋଇ ଏମିତି ଗାଧୁଆ
ଗାଧେଇଲ କାହିଁ ପାଇଁ ?
ଉତ୍ତରରେ ସାଙ୍ଗ ବୁଝେଇଲେ ମତେ
ଅସନା ପୋଖରୀ ପାଣି,
ମଇଳା ଜିନିଷ ଧୁଆ ହୁଏ ଏଠି
ପାରୁନ କି ତମେ ଜାଣି !
ସକାଳ,ସଞ୍ଜରେ ଲୋକମାନେ ପରା
ଶଉଚ ହୁଅନ୍ତି ଏଠି,
ମଇଳା ଲୁଗାକୁ ସଫା କରୁଅଛି
ଧୋବଣୀ ରଜନୀ ସେଠି ।
ପୋଖରୀ ପାଣିରେ ରହିଛି ଜୀବାଣୁ
ଆଖିକୁ ଦିଶେନି ସିନା,
ସେଥିପାଇଁ ପରା ଗାଧେଇବା ପାଇଁ
ବାବା କରିଛନ୍ତି ମନା ।
ସାଙ୍ଗ ସିନା ସାନ ବୁଦ୍ଧିରେ ମହାନ
ଜାଣିଦେଲା ପରେ ମୁଁ,
ଗାଧେଇବା ପାଇଁ ମନ ନ ବଳାଇ
ମାରିଲି ସେଇଠୁ ଛୁ... ।

**ମାଧବ ଚନ୍ଦ୍ର ଦାଶ**
ବ୍ରାହ୍ମଣକୁଶଡ଼ିହ, ଖୋର୍ଦ୍ଧା

## ଦେହଜୀବୀ


କିଏ... ?
ଆରେ... ! କୁହ, କିଏ ତୁମେ... ?
ଓଃ... ! ପୁଣି ତୁମେ... !
ତୁମେ ପୁଣି ଚାଲି ଆସିଲ ନା... ?
ଆଚ୍ଛା କହିଲ,
ତୁମେ ସେଇ ନା... ?
ଯାହା କାନ ପାଖେ ଗୁଞ୍ଜରିତ ହୁଏ
କଳିହୁଡି ପତ୍ନୀ ଶୂନ୍ୟ ଦୋଷ ସବୁ
ଶିଥିଳ ପଡ଼ିଯାଇଥିବା ଉନ୍ମାଦନା,
ବୟସ୍କା ହୋଇଯାଇଥିବା
ମଳିନ ଯୌବନ ଭରା
ଜୀବନ ସାଥୀର ଚିର ସହଚର... !
ମୁହଁ ମୋଡ଼ି ବିଛଣାରେ
ଏକା ଶୋଉଥିବା
ସୁନ୍ଦରୀ ଭାରିଯାର ବଳିଷ୍ଠ ସ୍ୱାମୀ,
ଆଜନ୍ମ ଥକ୍କାପଣର କାର୍ଯ୍ୟ ଫେରନ୍ତା
ଯିଏ କୌଣସି ମତେ ବି
ସାଲିସ୍ କରେନା
ତା' ରାତ୍ରି ଅଧିକାର,
ବାହାରି ଯାଅ ପଦରେ..
ଅବା ସେଇ ବୋଧେ... !
ଯିଏ ଚିର ଶୂନ୍ୟତାର ମତିଭ୍ରାନ୍ତି ରେ,
ବିକୃତ ମାନସିକତାରେ ଘାଣ୍ଟି ହୋଇ
ଉବୁଟୁବୁ ହେଉଥିବା ବିଚରର
ବିଚରା ଯୋଗୀଟିଏ... !
ହଁ, ମୁଁ ବୁଝିପାରେ, ତୁମେ ସେଇ... !
ଯିଏ ବିଭିନ୍ନ ପ୍ରଲୋଭନରେ
ମୋର ସାନିଧ୍ୟ ଚାହିଁ ରହିଥାଏ
ପ୍ରତୀକ୍ଷିତ ଭଙ୍ଗୀରେ
ବିଭିନ୍ନ ପରିତ୍ୟକ୍ତ ପରିବେଷ୍ଟିନୀରେ
ନୃତ୍ୟ ପ୍ରାଙ୍ଗଣରେ
ମନ୍ଦିର ବେଢ଼ାରେ
ବିଦ୍ୟାଳୟ ଶୂନ୍ୟ ହତାରେ
ଜଙ୍ଗଲର ନିରୋଳା ପ୍ରାନ୍ତରେ
ସହର, ନଅରର ବହୁବ୍ୟୟ ଉଦ୍ୟାନର
ପ୍ରାଚେରୀ ଫାଙ୍କରେ,
ଶୌଚଳୟ କାନ୍ଥ ଆଢୁଆଳେ
ଅବା ସଜେଇ ହୋଇ
ରହିଥିବା ଘଞ୍ଚ ବୁଦା ମୂଳେ
କୌଣସି ବାସସ୍ଥଳୀର
ତୁଳା ଶେଯ ପରେ
ସାୟଂକାଳ ସୁସଜ୍ଜିତ
କ୍ଷୀଣ ଆଲୋକମାଳାରେ
ଚଳଚ୍ଚିତ୍ର, ଧାରାବାହିକର
ଚୟନ ପ୍ରକ୍ରିୟାରେ
ତୁମେ ସବୁବେଳେ
ବରଣ କରିଛ ମତେ
ଶତ ବାରଣରେ
କ୍ରୀତଦାସୀଟିଏ ଭଳି
କୃତାର୍ଥ କରିବାକୁ ତୁମ ଅନ୍ତରର
ଜଘନ୍ୟ ଆଶା ପୁଞ୍ଜ ।

**ରାଇରଞ୍ଜନ ନନ୍ଦ**
ପୋଲସରା ଗଞ୍ଜାମ

## ମାଆ

କିଛି ନ କହିବି
ଅନେକ କଥା କହିଦିଏ
ଜାଣି ବି ଅଜଣା ହୁଏ
ନୀରବେ ନିରବିଯାଏ
କେ ବୁଝୁ କି ନ ବୁଝୁ
ଫରକ କିଛି ପଡ଼େନାହିଁ
କେବେ ହାତ ପାପୁଲି
ତ ଆଉ କେବେ ତକିଆକୁ
ଓଦା କରି
ଦୁଃଖକୁ ଭାଗ ଦିଏ ।
ବେହିସାବି ହୋଇ
ସ୍ନେହ କରେ
କିଏ ତା'କୁ କ'ଣ ଭାବିବ
ସେଥିରେ ତାର ଯାଏଆସେ ନାହିଁ ।
ଅଡୁଆ ସୂତାର ଖିଅ ପରି
ନିଜକୁ ଗୁଡ଼େଇ ତୁଡ଼େଇ ରଖେ
କାଳେ କିଏ ଜଣିଦେବ ।
ଛାତି ଭିତରେ ଜମାଟ ବାନ୍ଧିଥିବା
ଯନ୍ତ୍ରଣାର ଗୋଟେ ପରସ୍ତକୁ ।
ତାଚ୍ଛଲ୍ୟ କରି କହିଦେବ କିଛି ।
ଇଚ୍ଛାରୁ ଅନିଚ୍ଛା ଯାଏ
ଆଶାରୁ ନିରାଶା ଯାଏ
ସବୁ ପଥ ଅତିକ୍ରମ
କଲାପରେ ମଧ
ଜଳିବାକୁ ହୁଏ ତାକୁ
ଯନ୍ତ୍ରଣାର ଜଉଘରେ
ତତଲା ଲୁହରେ
ନିଜକୁ ତରଳାଇ
ଓଠକୁ ଓସାରିଦିଏ
ହସିବା ପାଇଁ
ପାଦକୁ ଆଦେଶ ଦିଏ
ନ ଥକି ଚାଲିବା ପାଇଁ ।

**ତୁଳସୀ ସାହୁ**
ଯାଜପୁର ରୋଡ୍, ଯାଜପୁର



# ପିଲାଙ୍କ ଦୁଃଖ

**ଦିଗମ୍ବର ବେହେରା**

ସେଦିନ ଥାଏ ଶନିବାର, ସକାଳୁ ସକାଳୁ ବାହାରିଥାଏ ବିଦ୍ୟାଳୟ । ପାହାଡ଼ ଗର୍ଭରୁ ଉଇଁ ଆସୁଥାଏ ନୂତନ ଏକ ଦିବାରମ୍ଭର ଉଜ୍ଜ୍ୱଳ ଭାସ୍କର; କୁହୁଡ଼ିର ବୁକୁ ଫଟେଇ ସୂର୍ଯ୍ୟାସ୍ନାତା ଆସି ଧରଣୀ ମାଆକୁ ସ୍ପର୍ଶ କରୁଥାଏ । ତୁହାକୁ ତୁହା ଲହଡ଼ି ଭାଙ୍ଗୁଥିବା ଶୀତୁଆ ପବନ କାନ ପାଖେ ସାଇଁ ସାଇଁ ଶବ୍ଦ କରୁଥାଏ । ସତେ ଯେମିତି ସୂର୍ଯ୍ୟସ୍ନାତାର ତେଜ ସହିତ ପବନର ଘୋମାଘୋଟ ଲଢ଼େଇ ଚାଲିଛି । ମୁଁ ବିଦ୍ୟାଳୟରେ ପହଞ୍ଚିଯାଇଥାଏ । କୁନି କୁନି ଚାଟମାନେ ଏତେ ଶୀତ କାକରକୁ ଖାତର ନକରି ଧାଇଁ ଆସିଥାନ୍ତି ବିଦ୍ୟାଳୟକୁ । କାହାରି ଶରୀରରେ ଖଣ୍ଡିଏ ହେଲେ ଶୀତବସ୍ତ୍ର ନଥାଏ । କେବଳ ଥାଏ ସରକାରଙ୍କ ତରଫରୁ ମିଳିଥିବା ବିଦ୍ୟାଳୟ ପୋଷାକ । ସମସ୍ତେ ଏକାରକମର ପୋଷାକ ପିନ୍ଧି ବିଦ୍ୟାଳୟ ପଡିଆରେ ଏକତ୍ରିତ ହେଇଥାନ୍ତି । ପ୍ରାର୍ଥନା ଶେଷ ହେଲା, ମୁଁ ପିଲା ମାନଙ୍କ ସହ ବ୍ୟାୟାମ କରୁଥାଏ, ସମସ୍ତ ପିଲା ମାନେ ଆନନ୍ଦରେ ବ୍ୟାୟାମ କରୁଥାନ୍ତି । ହଠାତ୍ କେତେଜଣ ପିଲାଙ୍କ ଦୃଷ୍ଟି ଭ୍ରଷ୍ଟ ହେଲା । ସେମାନଙ୍କ ସହ ଅନ୍ୟ ସମସ୍ତ ପିଲା ମଧ ବିଦ୍ୟାଳୟ ପାଖଦେଇ ଯାଇଥିବା ରାସ୍ତା ଆଡକୁ ଇଙ୍ଗିତ କରି କହିଲେ ଗୁରୁଜୀ ଦେଖନ୍ତୁ, ଗୁରୁଜୀ ଦେଖନ୍ତୁ ! ମୁଁ କିଛି ନବୁଝି ସମୁହ ଦୃଷ୍ଟି ଆଡକୁ ଦୃଷ୍ଟି ନିକ୍ଷେପ କରି ଦେଖେ ତ ବିଦ୍ୟାଳୟ ଅଗଦେଇ ଯାଇଥିବା ସେଇ ଧୁଳି ଧୂସୁରିଆ ନାଲିଗୋଡି ରାସ୍ତାରେ କେତେଜଣ ମାଇପି ଲୋକ ସାମାନ୍ୟ ଆଣ୍ଠୁ ଢଙ୍କା ଖଣ୍ଡିଏ ଲୁଗାକୁ ଶରୀରାବୃତ କରି ମୁଣ୍ଡରେ ଘୋଡଣି ଥିବା ଗୋଟିଏ ଗୋଟିଏ ବାଉଁଶ ଟୋକେଇ ମୁଣ୍ଡେଇ ଆଗକୁ ଆଗକୁ ମାଡିଚାଲିଥାନ୍ତି । ମୁଁ କିଛି ବୁଝିବା ଆଗରୁ ବା ପଚାରିବା ଆଗରୁ କୁନି କୁନି ପିଲାମାନଙ୍କ ହସଭରା ମଧୁର କଣ୍ଠରୁ ଭାସି ଆସିଲା ଗୁରୁଜୀ, ଏମାନେ ଖେଜ । ଆମ ଭାଷାରେ ଏମାନଙ୍କୁ ଖେଜ ବୋଲି କହନ୍ତି । ମୋ ଆଖିରୁ ଦୁଇଟୋପ ଲୁହ ଝରିଆସିଲା । ଏହା ଖୁସିର କି ଦୁଃଖର ଲୁହ ମୁଁ ଜାଣିନୀ କିନ୍ତୁ ମୋତେ ଲାଗୁଥାଏ ସେଇ ନିରୀହ ଆଦିବାସୀ ପିଲାମାନେ ତାଙ୍କର କୁନି ଆଖିରେ ମୋ ଆଖିକୁ ମିଶେଇ ହୃଦୟର କଥା ସବୁ ଅନାୟାସରେ ପଢିପାରୁଥିଲେ । ଖାଲି ସେତିକି ନୁହେଁ ପିଲାମାନଙ୍କ ମଧ୍ୟରୁ କେତେଜଣ ପିଲା ମୋତେ ବୁଝେଇଦେଉଥାନ୍ତି, ଏମାନେ ସେଇ ବାଉଁଶ ଟୋକେଇରେ ପରିବା ନେଇ ଅନ୍ୟ ଗାଁ କୁ ବିକ୍ରୀକରିବାକୁ ଯାଆନ୍ତି, ଆଉ ସେଥିରୁ ତେଲ ଲୁଣ କିଣି ଆଣନ୍ତି ଆଉ ପରିବାର ଚଳାନ୍ତି । ଏହା ଥିଲା ମାଲକାନଗିରି ଜିଲ୍ଲାର ଏକ କ୍ଷୁଦ୍ର ଆଦିବାସୀ ଗାଁର ସକାଳର ଦୃଶ୍ୟ ।

ଖାଲି ସେତିକି ନୁହଁ ସେଇ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଦୁଇ ଭାଇଙ୍କର ଏକ କରୁଣ କାହାଣୀ ମୁଁ ଏଠି ଉପସ୍ଥାପନ କରୁଛି ।

ସପ୍ତମ ଶ୍ରେଣୀରେ ଥାଆନ୍ତି ମାତ୍ର ସାତ ଜଣ ଛାତ୍ର ଛାତ୍ରୀ । ସେମାନଙ୍କ ମଧ୍ୟରୁ ସୁଶାନ୍ତ ଓ ପ୍ରଶାନ୍ତ ନାମରେ ଦୁଇଭାଇ ମଧ ଥାଆନ୍ତି । ସବୁପିଲା ସବୁଦିନ ବିଦ୍ୟାଳୟକୁ ଅସୁଥିବାବେଳେ ଏଇ ଦୁଇ ଭାଇଙ୍କର କିନ୍ତୁ ଟିକେ ବ୍ୟତିକ୍ରମ । ବିଦ୍ୟାଳୟକୁ ଆସିବାର ଆଗ୍ରହ, ଇଚ୍ଛା ଓ ମନବୃତି ଏମାନଙ୍କ ମନରେ ଭରପୁର ରହିଥାଏ । ଅନ୍ୟ ପିଲାମାନଙ୍କ ପରି ଏମାନଙ୍କ ମନ ଭିତରେ ମଧ ବସାବାନ୍ଧିଥାଏ ବିଦ୍ୟାଳୟ ଯାଇ ସାଙ୍ଗ ସାଥୀଙ୍କ ସହ ହସଖେଳ ମଉଜ ମଜଲିସ ସାଙ୍ଗକୁ ଗୁରୁଜୀ ଗୁରୁମାଙ୍କ ସ୍ନେହ ପ୍ରେମଭରା ତାଗିଦ ଆଗରେ ବସି ପାଠ ପଢିବାର ଆଶା । ହେଲେ କ'ଣ ହେବ, ଏଇ ଦୁଇଭାଇ ସବୁଦିନ ବିଦ୍ୟାଳୟକୁ ଆସୁନଥାନ୍ତି । କେବେ କେବେ ଆସୁଥାନ୍ତି ପୁଣି କେବେ କେବେ ଆସୁନଥାନ୍ତି । ମୁଁ ଏମାନଙ୍କ ବିଦ୍ୟାଳୟ ନଆସିବାର କାରଣ ଜାଣିବାକୁ ଚେଷ୍ଟା କରି ସାଥୀ ପିଲାମାନଙ୍କୁ ପଚାରି ବୁଝିବାରୁ ସେମାନେ କହନ୍ତି ଗାଈ ଚରେଇବାକୁ ଯିବେ ବୋଲି । କିଏ କିଏ ବି କହିଲେ ମେଣ୍ଢା ଚରେଇବାକୁ ଯିବେ । ଏମିତି ମୁଁ ମଧ ସେ ଦୁଇଭାଇଙ୍କୁ ଗାଈ ନେଇ ପାହାଡ କଡ଼କୁ ଯିବାର ଦେଖିଲି । ହଠାତ୍ ଦିନେ କୌଣସି କାରଣ ପାଇଁ ସେଇ ଗାଁର ଅଙ୍ଗନୱାଡି ଦିଦି ଆମ ବିଦ୍ୟାଳୟକୁ ଆସିଥାନ୍ତି । ତାଙ୍କୁ ପ୍ରଶାନ୍ତ ଓ ସୁଶାନ୍ତର ବିଦ୍ୟାଳୟ ନଆସିବାର କାରଣ ପଚାରିଲି । ଉତ୍ତରଟି ଏମିତି ଥିଲା ।

-ସାର ସେମାନେ କ'ଣ କରିବେ ? ଗରିବ ପିଲା, ବାପା ତାର ମଦ ଖାଇ କରି ଶୋଇଥିବ । ମା' କାମେ ଯାଇପାରିଲାନି । ଘରେ ଏଦୁଇ ଭାଇ ଆହୁରି ଗୋଟେ ଭାଇ ବଇନି(ଭଉଣୀ) ଅଛି । ଏମାନେ ଗାଁର୍ ଲୋକମାନଙ୍କର ଗାଈ ଚରେଇବାକୁ ନେବେ । ଗୋଟେ ଭାଇ ଗାଈ ଜଗିବ ଆଉ ଗୋଟେ ଭାଇ ହାଣ୍ଡି ଗୋଟେ ନେଇକରି ଗାଁ ଲୋକମାନଙ୍କ ଘରୁ ଭାତ ନେଇକରି ଯିବ (ଯେଉଁ ମାନଙ୍କ ଘରୁ ଗାଈ ନେଇଥିବେ ସେମାନଙ୍କ ଘରୁ ଭାତ ସଂଗ୍ରହ କରିବେ) । ଆଉ ସେଇ ଭାତ ସେ ନେଇକରି ଘରେ ସାନ ଭାଇ ଭଉଣୀକୁ ଖୁଆଇବ ଆଉ ରଖିକରି ଗାଈ ପାଖେ ଯିବ । ଦୁଇ ଭାଇ ଦିନବେଳା ଜଙ୍ଗଲରେ ଫଳ ମୂଳ କନ୍ଦା (ଖଜୁରୀ ଗଛର ମୂଳ) ଖାଇବେ । ରାତିରେ ଆସିଲେ ଲୋକମାନଙ୍କ ଘରେ ଗାଈ ଛାଡ଼ି କରି ଘରେ ଯାଇ ମା' ଆସିବା ପରେ ମା' ତାର ବାଢିଦେଲେ ଭାତ ଖାଇକରି ଶୋଇବେ ।

ତା'ପରେ ମୋତେ ସେ ଅଙ୍ଗନବାଡି ଦିଦି ଜଣକ ପ୍ରଶ୍ନ କରନ୍ତି:-

-ଆଚ୍ଛା ସାର୍ ତମେ କହିଲ ଏମାନେ କେମିତି ପାଠ ପଢ଼ିପାରିବେ ? ସରକାର ଏମାନଙ୍କର ଲାଗି ବହି, ଜମା, ପ୍ୟାଣ୍ଟ, ଭାତ ଖାଇବାକେ ଦେଲେ କ'ଣ ହେବ ଏମାନେ ତ ଗରିବ ଲୋକ ନା ।

ଏତକ କଥା ଶୁଣି ମୋ କଣ୍ଠ ବାଷ୍ପରୁଦ୍ଧ ହେଇଯାଉଥାଏ, କୌଣସି ଶବ୍ଦ ବାହାରୁନଥାଏ । ଆଖିମୋର ଛଳ ଛଳ ହେଇ ଉଠିଲା ଆଉ ଝରି ଆସିଲା ଦୁଇଧାର ଲୁହ ।

ସତରେ କ'ଣ ଏଇପିଲାମାନେ ପାଠପଢିବାରୁ ବଞ୍ଚିତ ହେବେ ! ଗରିବୀ କଅଣ ଏମାନଙ୍କ ପିଛା ଛାଡିବନି ? ଏ ନିରୀହ ଆଦିବାସୀ କ'ଣ ସବୁଦିନ ଏମିତି ଏଇ ଜଙ୍ଗଲ ଭିତରେ ରହିଥିବେ ?

ସରକାର ଶିକ୍ଷାକୁ ଆଗକୁ ଆଗକୁ ନେବାପାଇଁ ଯେତେ ଯୋଜନା କଲେ କ'ଣ ହେବ ଏଇ ଗରିବ ନିରୀହ ଆଦିବାସୀମାନେ ଗରିବ ହେଇ ରହିଯାଉଛନ୍ତି । ଯଦି ସରକାର ଏମାନଙ୍କ ପାଇଁ କୁଟୀର ଶିଳ୍ପ ପରି କୌଣସି କର୍ମ ଯୋଗାଇ ଦିଅନ୍ତେ ତେବେ ଗରିବୀ ଦୁରହେବା ସହିତ କୋମଳ ମୋତି ପିଲାମାନେ ମଧ ସେମାନଙ୍କ ପାଠପଢା ଅଧିକାରରୁ ବଞ୍ଚିତ ହୁଅନ୍ତେ ନାହିଁ । ସେମାନେ ପୁନଶ୍ଚ ମୁଖ୍ୟ ସ୍ରୋତରେ ସାମିଲ ହେବାର ସୁଯୋଗ ପାଆନ୍ତେ ଆଉ ନିଜ ଆଖିରେ ଦୁନିଆ ଦେଖନ୍ତେ ।

କୁମୁଟିଗୁଡ଼ା, ମାଲକାନଗିରି

# ଡୋରି ଡିଜାଇନ୍ ବ୍ଲାଉଜ୍





**ଯେକୌଣସି ଶାଢ଼ି ହେଉନା କାହିଁକି ଯଦି ତା’ସାଙ୍ଗରେ ଡିଜାଇନ୍‌ର ବ୍ଲାଉଜ୍ ପିନ୍ଧାଯାଏ ତା’ହେଲେ ଲୁକ୍ ବେଶ୍ ଆକର୍ଷକ ଲାଗେ। ଏବେ ତ ଡୋରିବାଲା ବ୍ଲାଉଜ୍‌ର ଖୁବ୍ ଟ୍ରେଣ୍ଡ୍ ଚାଲିଛି। ତା’ହେଲେ ଜାଣନ୍ତୁ ଏହି ଡୋରିବାଲା ବ୍ଲାଉଜ୍‌ର କିଛି ଲାଟେଷ୍ଟ ଡିଜାଇନ୍ ଆଉ ସେ ନେଇ କିଛି ଜରୁରୀ ଟିପ୍ସ ସମ୍ପର୍କରେ...**

* **ସାଇଡ୍ ଡୋରି ବ୍ଲାଉଜ୍:** ନର୍ମାଲ୍ ଡୋରି ଡିଜାଇନ୍‌ବାଲା ବ୍ଲାଉଜ୍ ପିନ୍ଧି ପିନ୍ଧି ଯଦି ବୋରିଂ ଫିଲ୍ କରୁଥାନ୍ତି, ତା’ହେଲେ ସେ କ୍ଷେତ୍ରରେ ବ୍ଲାଉଜ୍‌ର ଗୋଟେ ସାଇଟ୍‌ରେ କଟ୍ ଆଉଟ୍ ଡୋରି ଡିଜାଇନ୍ କରି ବ୍ଲାଉଜ୍‌କୁ ଭିନ୍ନ ଲୁକ୍ ଦେଇପାରିବେ। ଆବଶ୍ୟକ ହେଲେ ଡବଲ୍ ଡୋରି ଡିଜାଇନ୍ ବି କରି ୟୁନିକ୍ ଲୁକ୍ ପାଇପାରିବେ।

* **ଜିଗ୍‌ଜାଗ୍ ଡୋରି ବ୍ଲାଉଜ୍:** ଏହି ଡିଜାଇନ୍‌ର ବ୍ଲାଉଜ୍ ଟିକେ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଆପଣ ଚାହିଁଲେ ବ୍ଲାଉଜ୍‌ରେ ଜିଗ୍‌ଜାଗ୍ ଡୋରି ଡିଜାଇନ୍ କରି ସେଥରେ ବ୍ଲାଉଜ୍ କପଡ଼ାରେ ତିଆରି ଲଟକନ୍ ମଧ୍ୟ ଲଗାଇପାରିବେ, ଯଦ୍ୱାରା ଆପଣଙ୍କ ଶାଢ଼ି ଲୁକ୍ ଅଧିକ ଆକର୍ଷଣୀୟ ଲାଗିବା ସହିତ ବୋଲ୍ଡ ଆଉ ଷ୍ଟାଇଲିଶ୍ ବି ଦେଖାଯିବେ ।

* **ସ୍ଲିଭ୍‌ସ ଡୋରି ଡିଜାଇନ୍:** କେବଳ ବ୍ଲାଉଜ୍‌ର ପଛପଟେ ନୁହେଁ, ଆପଣ ଚାହିଁଲେ ବ୍ଲାଉଜର ସ୍ଲିଭ୍‌ସରେ ବି କଟ୍ ଆଉଟ୍ ଡୋରି ଡିଜାଇନ୍ କରି ଭିନ୍ନ ଲୁକ୍ ପାଇପାରିବେ। କଟ୍ ଆଉଟ୍ ଡୋରି ଡିଜାଇନ୍ କରିବା ଦ୍ୱାରା ବ୍ଲାଉଜ୍ ପିନ୍ଧିବାକୁ ଭଲ ଫିଟିଙ୍ଗ୍ ବି ହୋଇଥାଏ। ଏହାକୁ ଆଉ ଟିକେ ଆକର୍ଷଣୀୟ ଲୁକ୍ ଦେବା ପାଇଁ ଆପଣ ଚାହିଁଲେ ବ୍ଲାଉଜ୍‌ର ସ୍ଲିଭ୍‌ସରେ କଟ୍ ଆଉଟ୍ ଡୋରି ଡିଜାଇନ୍ କରି ସେଥିରେ କିଛି ଛୋଟ ଛୋଟ ଘୁଙ୍ଗୁର ବି ଲଗାଇ ପାରିବେ।

* **ଡବଲ୍ ଡୋରି ଡିଜାଇନ୍:** ଷ୍ଟେଟ୍‌ମେଣ୍ଟ ଲୁକ୍ ପାଇଁ ଆପଣ ଚାହିଁଲେ ବ୍ଲାଉଜ୍‌ରେ ଡବଲ୍ ଡୋରି ଡିଜାଇନ୍ ବି କରିପାରିବେ। ଏଥିପାଇଁ ଗୋଟେ ଡୋରି ବ୍ଲାଉଜ୍‌ର କାନ୍ଧ ପାଖରେ ରହିବ ଏବଂ ଅନ୍ୟ ଡୋରିଟି ବ୍ଲାଉଜ୍‌ର ଅଣ୍ଟା ପାଖରେ ରହିବ, ଯଦ୍ୱାରା ବ୍ଲାଉଜ୍ ଡିପ୍ ନେକ୍‌ର ହୋଇଥିଲେ ଏହାର ଗୋଟେ ଡୋରି କାନ୍ଧ ପାଖରେ ଥିବାରୁ ବ୍ଲାଉଜ୍‌କୁ ସହଜରେ ଖସିବାକୁ ଦେବନାହିଁ। ସେହିପରି ଅନ୍ୟ ଡୋରିଟି ବ୍ଲାଉଜ୍‌ର ଅଣ୍ଟା ପାଖରେ ଥିବାରୁ ଏହା ଭଲ ଫିଟିଙ୍ଗ୍ ହୋଇ ରହିବ।

* **ମଲ୍ଟି ଡୋରି ଷ୍ଟାଇଲ୍:** ଏହି ଟାଇପ୍‌ର ବ୍ଲାଉଜ୍ ଡିଜାଇନ୍ ଦେଖିବାକୁ ବେଶ୍ ଟ୍ରେଣ୍ଡି ଲାଗିଥାଏ। କଟନ୍ ଶାଢ଼ି ହେଉ କି ନେଟ୍ ଶାଢ଼ି ସବୁଥିରେ ଏହି ମଲ୍ଟି ଡୋରି କାମବାଲା ବ୍ଲାଉଜ୍ ବେଶ୍ ଭଲ ମାନିଥାଏ।

* **ବ୍ୟାକ୍‌ଲେସ୍ ଡୋରି ବ୍ଲାଉଜ୍:** ଏହି ଟାଇପ୍‌ର ବ୍ଲାଉଜ୍ ଟିକେ ବୋଲ୍ଡ ଲୁକ୍ ଦେଇଥାଏ। ତେବେ ଧ୍ୟାନଦେବେ ଯଦି ଆପଣ ବ୍ଲାଉଜ୍‌ରେ ବ୍ୟାକ୍‌ଲେସ୍ ଡୋରି ଡିଜାଇନ୍ କରୁଥା’ନ୍ତି, ତା’ହେଲେ ତା’ସାଙ୍ଗକୁ ହେଭି ଲଟକନ୍ ଲଗାଇବେ ନାହିଁ। ଆବଶ୍ୟକ ହେଲେ ହାଲ୍‌କା ଡିଜାଇନ୍‌ର କିମ୍ବା ବ୍ଲାଉଜ୍ କପଡ଼ାରେ ତିଆରି ଛୋଟ ଛୋଟ ଲଟକନ୍ ଲଗାଇ ଭିନ୍ନ ଲୁକ୍ ପାଇପାରିବେ।

* **ବୋ ଷ୍ଟାଇଲ୍ ଡୋରି ବ୍ଲାଉଜ୍:** ବ୍ଲାଉଜ୍‌ରେ ବୋ ଷ୍ଟାଇଲ୍ ଡୋରି ଡିଜାଇନ୍ କରିବାର ଟ୍ରେଣ୍ଡ୍ ଏବେ ଖୁବ୍ ଚାଲିଛି। ବିଶେଷକରି ସାଟିନ୍ ଶାଢ଼ିରେ ଏହି ଷ୍ଟାଇଲ୍‌ର ବ୍ଲାଉଜ୍ ଡିଜାଇନ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

* **ଫ୍ରଣ୍ଟ ଡୋରି ଡିଜାଇନ୍:** ଏବେ ବ୍ଲାଉଜ୍‌ର ସାମ୍ନା ପଟେ ବି ଡୋରି ଡିଜାଇନ୍ କରାଯାଉଛି; ଯାହା ଖୁବ୍ ଟ୍ରେଣ୍ଡି ଲାଗୁଛି।

## କିଛି ଟିପ୍ସ

– ଯଦି ଆପଣଙ୍କ ପାଖରେ କୌଣସି ଗୋଲ୍ଡେନ କଲର୍‌ର ଶାଢ଼ି ଥାଏ, ତା’ହେଲେ ତା’ସହିତ କ୍ରିସ୍ କ୍ରସ୍ ଡୋରି ଡିଜାଇନ୍ ହୋଇଥବା ନାଲିରଙ୍ଗର ବ୍ଲାଉଜ୍ ବେଶ୍ ସୁନ୍ଦର ମାନିଥାଏ।

– ବର୍ଡର କାମବାଲା ବ୍ଲାଉଜ୍ ବି କ୍ରିସ୍ କ୍ରସ୍ ଡିଜାଇନ୍‌ର ଡୋରି କାମ ଖୁବ୍ ଆକର୍ଷଣୀୟ ଲାଗିଥାଏ।

– ପିଙ୍କ୍ କଲର୍‌ର ଶାଢ଼ି ସାଙ୍ଗକୁ କ୍ରିସ୍ କ୍ରସ୍ ଡିଜାଇନ୍‌ର ଡୋରି କାମ ହୋଇଥିବା ବ୍ଲୁ କଲର୍‌ର ବ୍ଲାଉଜ୍ ଖୁବ୍ ମାନିଥାଏ।

– ସ୍ଲିଭଲେସ୍ ବ୍ଲାଉଜ୍‌ରେ ବି ଡୋରି ଡିଜାଇନ୍ ବେଶ୍ ଆକର୍ଷକ ଲାଗିଥାଏ।



















# ଏମିତି ହେଲେ ବଦଳାନ୍ତୁ ଚାକିରି

ଯଦି ଅଫିସରେ କାମ କରିବାର ଆଗ୍ରହ କମିବାରେ ଲାଗିଛି କିମ୍ବା ଉତ୍ସାହ ରହୁନି, ତେବେ ଭାବିନିଅନ୍ତୁ ଯେ ଆପଣଙ୍କ ପାଇଁ ଚାକିରି କିମ୍ବା କର୍ମସ୍ଥଳୀ ବଦଳାଇବାର ପ୍ରକୃଷ୍ଟ ସମୟ ଆସିଗଲା। ଜାଣିନିଅନ୍ତୁ କେଉଁ ସୂଚକ ଦେଖି ଆପଣ ନିଶ୍ଚିନ୍ତ ହେବେ ଯେ ଏଥର ବଦଳାଇ ଦେବା ଦରକାର ଚାକିରି।

ଅଧିକାରୀଙ୍କ ତାଡ଼ନା: ଯଦି ଆପଣଙ୍କ ବସ୍ ପ୍ରତ୍ୟେକଟି କାମରେ ଆପଣଙ୍କୁ ନେଗେଟିଭ କମେଣ୍ଟ କରନ୍ତି କିମ୍ବା ଆପଣଙ୍କ ପ୍ରତ୍ୟେକଟି କାର୍ଯ୍ୟକଳାପରେ ସେ ଅସହିଷ୍ଣୁ ଥିବା ଲକ୍ଷ୍ୟ କରନ୍ତି ତେବେ ବସ୍‌ଙ୍କୁ ଖୁସି କରିବା ଅପେକ୍ଷା ସବୁଠୁ ଭଲ ହେବ ଆପଣ ଆପଣଙ୍କ ବିଭାଗ, କର୍ମସ୍ଥଳୀ ଓ ବସ୍ ବଦଳାଇ ଦେବା।

ନକାରାତ୍ମକ ପରିବେଶ: ଚଆପଣଙ୍କ ସହିତ କାମ କରୁଥିବା ସହଯୋଗୀମାନେ ଯଦି ଆପଣଙ୍କ କାର୍ଯ୍ୟକଳାପକୁ ନେଇ ବାରମ୍ବାର ଅଭିଯୋଗ କରନ୍ତି ଏବଂ ବସ୍ ଯଦି ଆପଣଙ୍କ ଉପରେ ପ୍ରସନ୍ନ ନ ରୁହନ୍ତି, ତେବେ ଆପଣ ଚାକିରି ବଦଳାଇବା ଆବଶ୍ୟକ।

ନିଃସଙ୍ଗତା: ଯଦି ଆପଣଙ୍କ କାମକୁ ନେଇ ଆପଣ ପ୍ରତ୍ୟେକ ଦିନ ବୋରିଂ ଅନୁଭବ କରିଚାଲିଛନ୍ତି ଏବଂ କାମରେ ଯଦି ଆପଣଙ୍କ ଉତ୍ସାହ ରହୁନି ତେବେ ଚାକିରି ବଦଳାଇ ଦିଅନ୍ତୁ।

ସମୟ ବିତାଇବା: ଯଦି ଅଫିସ୍‌ରେ ଆପଣଙ୍କ ପାଇଁ କାମ ନାହିଁ ଏବଂ ଆପଣଙ୍କୁ ମନେହେଉଛି ଯେ ଆପଣ ବସିରହି କେବଳ ସମୟ ବିତାଉଛନ୍ତି ତେବେ ନିଜର ଦକ୍ଷତା ନଷ୍ଟ କରିବା ଅପେକ୍ଷା ନୂଆ ନିଯୁକ୍ତିରେ ଯୋଗଦେଇ ଦକ୍ଷତାର ପ୍ରୟୋଗ କରନ୍ତୁ।

ଲକ୍ଷ୍ୟ: ଯଦି କମ୍ପାନୀର ଲକ୍ଷ୍ୟ ସହ ତାଳ ଦେଇ ଆପଣଙ୍କ ଜୀବନର ଲକ୍ଷ୍ୟ ଅଗ୍ରସର ହେଉନାହିଁ ବା ମେଳ ଖାଉ ନାହିଁ କିମ୍ବା କମ୍ପାନୀର ଲକ୍ଷ୍ୟକୁ ପୂରା କରିବାକୁ ଯାଇ ଆପଣଙ୍କ ବିକାଶ ଘଟୁନାହିଁ ତେବେ ଚାକିରି ବଦଳାନ୍ତୁ।



# ବିଶ୍ୱ ଜଳବାୟୁ ସମସ୍ୟା

ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ମାନବ ସମାଜ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏକ ଆକଳନରୁ ଜଣାଯାଏ ବିଶ୍ୱସ୍ତରରେ ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧିଘଟିଛି। ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଚଳିତ ଶତାବ୍ଦୀ ସୁଦ୍ଧା ତାପମାତ୍ରା ବୃଦ୍ଧିକୁ ଯଥା ସମ୍ଭବ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବାକୁ ବିଶ୍ୱର ସମସ୍ତ ଦେଶକୁ ଆହ୍ୱାନ ଦିଆଯାଇଛି। ବିଗତ ୫୦ ବର୍ଷ ମଧ୍ୟରେ ପୃଥିବୀର ପ୍ରାୟ ୧୭ ଶତାଂଶ ଜଙ୍ଗଲ ଲୋପପାଇସାରିଛି। ପ୍ରତି ମିନିଟ୍‌ରେ ପୃଥିବୀର ୨୩ ଲକ୍ଷ ମିଟର ପରିମିତ ଜମିରୁ ଜଙ୍ଗଲ କ୍ଷୟ ହେଉଛି। ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ନ ରଖିଲେ ପୃଥିବୀରେ ଉପଲବ୍ଧ ହିମପ୍ରବାହ(ଗ୍ଲେସିଅର)ଗୁଡ଼ିକ ଦ୍ରୁତଗତିରେ ତରଳିବ। ଫଳରେ ଆଇସ୍‌ଲାଣ୍ଡରେ ବିଦ୍ୟମାନ ୩୦୦ ହିମପ୍ରବାହ ଆଗାମୀ ୨୦୦ବର୍ଷ ମଧ୍ୟରେ ତରଳି ମୃତ ପାଲଟିଯିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟତବାଣୀ ଶୁଣାଇଛନ୍ତି। ଗ୍ରୀନ୍‌ଲାଣ୍ଡର ହିମପ୍ରବାହଗୁଡ଼ିକ ମଧ୍ୟ ଭୟାନକ ଭାବେ ତରଳିବାରେ ଲାଗିଛନ୍ତି। ୨୦୧୫ ପରଠାରୁ ଅଣ୍ଟାର୍କଟିକା ମହାଦେଶରେ ଗ୍ରୀନ୍‌ଲାଣ୍ଡ ଆକାରରେ ବରଫ ତରଳି ସାରିଛି; ଯାହା ଗତ ଦଶନ୍ଧିର ସବୁଠାରୁ ବଡ଼ ପରିବେଶଗତ ପରିବର୍ତ୍ତନ। ଏଥିଯୋଗୁ ଭବିଷ୍ୟତରେ ସମୁଦ୍ରପତ୍ତନ ୧ରୁ ୧.୬ ଫୁଟ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏପରି ହେଲେ ପୃଥିବୀର ନଦୀଗୁଡ଼ିକରେ ଭୟଙ୍କର ବନ୍ୟା ଆସିବା ସହ ସମୁଦ୍ର ଉପକୂଳବର୍ତ୍ତୀ ଅନେକ ସହର ଜଳଗର୍ଭରେ ଲୀନହୋଇଯିବ। ୨୦୫୦ ବେଳକୁ ୧.୫ କୋଟି ଲୋକ 'କ୍ଲାଇମେଟ୍ ରିଫ୍ୟୁଜି' ହେବେ ବୋଲି ଜଳବାୟୁ ବିଶେଷଜ୍ଞମାନେ ମତ ଦେଇଛନ୍ତି। ପୃଥିବୀର ଭୂତଳ ଜଳସ୍ତର ମଧ୍ୟ ବର୍ଷକୁ ପ୍ରାୟ ୧୭ କ୍ୟୁବିକ୍ କିଲୋମିଟର ଖସିବାକୁ ଲାଗିଛି।

ବହୁଳ ଭାବେ ବ୍ୟବହୃତ ରେଫ୍ରିଜରେଟର, ଏୟାର କଣ୍ଡିସନର, ଦ୍ରାବକ, ଶିଳ୍ପଗୁଡ଼ିକରୁ ବହିର୍ଗତ ନାଇଟ୍ରୋଜେନ୍ ଯୌଗିକ ବସ୍ତୁ, ଅନିୟନ୍ତ୍ରିତ ରକେଟ୍ କ୍ଷେପଣ, ପରମାଣୁ ପରୀକ୍ଷଣ ଇତ୍ୟାଦି ସହ ଅନ୍ୟାନ୍ୟ କୃତ୍ରିମ ଓ ପ୍ରାକୃତିକ କାରଣ ପାଇଁ ଓଜୋନ୍ ସ୍ତର ପତଳା ହେବାରେ ଲାଗିଛି। ସେଥିପାଇଁ ଉତ୍ତାପସ୍ତର ଆଶାତୀତ ଭାବେ ବୃଦ୍ଧି ଘଟୁଛି। ବର୍ତ୍ତମାନ ଘଟିଯାଇଥିବା ଇରାନ ଓ ଇସ୍ରାଇଲ ଯୁଦ୍ଧର ପ୍ରଥମ ୫ ଦିନରେ ୩୫,୦୦୦ ଟନ୍‌ରୁ ଊର୍ଦ୍ଧ୍ୱ ଅଙ୍ଗାରକାମ୍ଳ ନିର୍ଗତ ହୋଇଛି ଯାହାକି ବର୍ଷକୁ ୮,୩୦୦ କାର ଚଳାଇବା ଦ୍ୱାରା ନିଃସରଣ ଅଙ୍ଗାରକାମ୍ଳ ସହ ସମାନ। ଏହି ଯୁଦ୍ଧର ପ୍ରାରମ୍ଭରେ ଜେଟ୍ ଫୁଏଲ୍, ରକେଟ୍ ଫାୟାର ଏବଂ କ୍ଷେପଣାସ୍ତ୍ର ପ୍ରୟୋଗରେ ଯେତିକି ଅଙ୍ଗାରକାମ୍ଳ ନିର୍ଗତ ହୋଇଛି, ୨୦ ହଜାର ଟନ୍ କୋଇଲା ଜାଳିଲେ ସେତିକି ନିର୍ଗତ ହେବ। ଏଥିରୁ ଅନୁମାନ କରାଯାଉ ଯୁଦ୍ଧ ବିଭୀଷିକା ଆମ ଜଳବାୟୁକୁ କେତେ ପ୍ରଭାବିତ କରିଥିବ! ଏହି ସଙ୍କଟ ଦୂରକରିବାକୁ ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀ ରାଷ୍ଟ୍ରଗୁଡ଼ିକ କୌଣସି ଆନ୍ତରିକତା ଦେଖାଉ ନାହାନ୍ତି। ଏହାର କାରଣ ବ୍ରିଟିଶ ରାଜନୀତିଜ୍ଞ ଡେରେକ୍ ୱାଲ୍‌ଙ୍କ 'ଗ୍ରୀନ୍ ଲେଫ୍‌ଟ୍' ପୁସ୍ତକରେ ଉଲ୍ଲେଖ ଅଛି – 'ପୁଞ୍ଜିବାଦ ଶ୍ରମର ଶୋଷଣ ଓ ପ୍ରକୃତିର ଲୁଣ୍ଠନ ଲବ୍ଧ ଲାଭ ମାଧ୍ୟମରେ ନିଜର ଆୟ ବଢ଼ାଇ ଚାଲେ।' ସେହିପରି ଆମେରିକାନ୍ ଲେଖକ ଜୋଏଲ୍ ଷ୍ଟିଫେନ୍ କେଭେଲ କୁହନ୍ତି, "ପୁଞ୍ଜିବାଦ ପ୍ରକୃତିର ଶତ୍ରୁ ଓ ପରିବେଶ ଧ୍ୱଂସର ଏକମାତ୍ର କାରଣ ପାଲଟିଛି।"

ଏହିପରି ପରିବେଶର ଦ୍ରୁତ ସ୍ଖଳନ ଓ ଜଳବାୟୁର ଅସନ୍ତୁଳନ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ପରିବେଶବିତ୍ ରଣଧୀର ସିଂ କହିଥିଲେ, "ପୁଞ୍ଜିବାଦ ପ୍ରକୃତିର ଲାଳନ ପାଳନ କରିବାକୁ ଚାହେଁନା, ଏହା ପ୍ରକୃତିକୁ ସ୍ୱ-ସ୍ୱାର୍ଥରେ ବ୍ୟବହାର କରେ। ବଜାର ଶାସିତ ଅର୍ଥନୀତି ସଦାସର୍ବଦା ପ୍ରକୃତି ଓ ପରିବେଶର ବିରୋଧୀ। ଅଧିକନ୍ତୁ ଏହା ପ୍ରକୃତି ଓ ପରିବେଶ ଧ୍ୱଂସକାରୀ।" ମାତ୍ରାଧିକ ଶିଳ୍ପନିର୍ମାଣ ପରିବେଶ ଅସନ୍ତୁଳନ ପାଇଁ ଅନ୍ୟ ଏକ ବଡ଼ କାରଣ ପାଲଟିଛି। ଶିଳ୍ପ ପରିଚାଳନା ପାଇଁ ଜଳ, ଜମି ଓ ଜଙ୍ଗଲକୁ ବିନିଯୋଗ ନିଶ୍ଚିତ କରିବେ ଏଥିରେ ସନ୍ଦେହ ନାହିଁ। ଏହିସବୁ ଶିଳ୍ପକ୍ଷେତ୍ରରୁ ନିର୍ଗତ ଧୂଆଁରୁ ଜଳବାୟୁ ତ ଦୂଷିତ ହେବ ହିଁ ହେବ। ଏହି ଶିଳ୍ପଗୁଡ଼ିକ ଲାଭ ପାଇଁ ଆବଶ୍ୟକତାଠାରୁ ଅଧିକ ଜଳ, ଜମି, ଜଙ୍ଗଲର ଉପଯୋଗ କରନ୍ତି, ଧ୍ୱଂସ କରନ୍ତି। ଫଳରେ ଗଛ କଟାଯାଏ, ଖଣିଖାଦାନ ଖୋଳାଯାଏ ଓ ଜଳବାୟୁ ଅଶୁଦ୍ଧ ହୁଏ। ଉତ୍ତାପ ବୃଦ୍ଧିର ଏହା ଏକ ସର୍ବଶ୍ରେଷ୍ଠ କାରଣ ବୋଲି କୁହାଯାଏ। ଆମେରିକାରେ ୧୮୭୩ କମ୍ପାନୀ ଶିଳ୍ପ ପ୍ରତିଷ୍ଠା କରିଛନ୍ତି ଯାହା ବିଶ୍ୱର ୧୦ ବୃହତ୍ ଦେଶ ସହ ସମାନ ଏବଂ ପୃଥିବୀରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛି। ଏଥିରୁ ଅନୁମାନ କରାଯାଏ, ପୁଞ୍ଜିପତି ଓ ଶିଳ୍ପପତିମାନଙ୍କ ଦ୍ୱାରା ଆଧିପତ୍ୟ ଦେଶଗୁଡ଼ିକ ପରିବେଶ ସନ୍ତୁଳନ ପାଇଁ ବିଶ୍ୱ ସମ୍ମିଳନୀର ପ୍ରସ୍ତାବକୁ ଏଡ଼େଇଯାଉଛନ୍ତି।

ସାମ୍ୟବାଦୀ ରାଷ୍ଟ୍ରମାନେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହ ଦକ୍ଷ ପରିଚାଳନା କରିଥାନ୍ତି। ଏହି ଦେଶଗୁଡ଼ିକରେ ପରିବେଶ ସୁରକ୍ଷା ନିମନ୍ତେ କେନ୍ଦ୍ରୀୟ ଯୋଜନା, ରାଷ୍ଟ୍ରର ମାଲିକାନା ଓ ଦୂର ଭବିଷ୍ୟତକୁ ଚିନ୍ତାକରି ଯୋଜନା ପ୍ରସ୍ତୁତ କରିଥାନ୍ତି। ଏହା ପୁଞ୍ଜିବାଦୀ ଦେଶଗୁଡ଼ିକରେ ଓଲଟା। କ୍ୟୁବାର ଅର୍ଗାନିକ୍ ଫାର୍ମିଂ ଦ୍ୱାରା ମାଟି ସୁସ୍ଥ ରହିବା ସହ କେମିକାଲ ବ୍ୟବହାର କମ୍ ହୁଏ, ଯାହା ବିଶ୍ୱ ପାଇଁ ଏକ ଉତ୍ତମ ଉଦାହରଣ। ଚାଇନା 'ରିନ୍ୟୁଏବେଲ୍ ଏନର୍ଜି ବିନିଯୋଗ ଓ ବୈଷୟିକ ପ୍ରୟୋଗ' ପାଇଁ ବିଶ୍ୱର ନେତୃତ୍ୱ ନେଇପାରୁଛି। ତେଣୁ ଦୁନିଆକୁ ଜଳବାୟୁ ସଙ୍କଟରୁ ସୁରକ୍ଷିତ ରଖିବାକୁ ହେଲେ ସାମ୍ୟବାଦ ହିଁ ଏକମାତ୍ର ବିକଳ୍ପ ବ୍ୟବସ୍ଥା।



# ମୁଣ୍ଡବିନ୍ଧାରୁ ମୁକ୍ତି ପାଇବାର ଉପାୟ

ବ୍ୟସ୍ତବହୁଳ ଓ ଧାଁଧପଡ଼ ଜୀବନରେ ମୁଣ୍ଡବିନ୍ଧା ହେବା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ଚାପ, ମାତ୍ରାଧିକ କାମ, ବଢୁଥିବା ସମସ୍ୟା ମୁଣ୍ଡବିନ୍ଧାର ସବୁଠାରୁ ବଡ଼ କାରଣ। ଅନେକ ସମୟରେ ମୁଣ୍ଡବିନ୍ଧା ଏତେ ଅଧିକ ବଢ଼ିଯାଏ ଯେ ଆମେ ବାଧ ହୋଇ ମୁଣ୍ଡବିନ୍ଧା ଔଷଧ ସେବନ କରିଥାଉ। ମୁଣ୍ଡବିନ୍ଧା ଔଷଧ ବାରମ୍ବାର ସେବନ କରିବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇପାରେ। ଚାପ କାରଣରୁ ମୁଣ୍ଡବିନ୍ଧା ଅନୁଭବ କରୁଥିଲେ ଔଷଧ ସେବନ କରିବା ବନ୍ଦ କରି ଦିଅନ୍ତୁ। ଏଠାରେ କେତେକ ଘରୋଇ ଉପାୟ ଦିଆଯାଉଛି, ଯାହା ମୁଣ୍ଡବିନ୍ଧା ଦୂର କରିବାରେ ମଧ୍ୟ ପ୍ରଭାବୀ ହୋଇଥାଏ।

ଯଦି ଲଗାତାର ମୁଣ୍ଡବିନ୍ଧା ହେଉଛି ତେବେ ଗରମ ପାଣିରେ ଜାଇଫଳ ପାଉଡର ମିଶାଇ ସେବନ କରନ୍ତୁ। ଏହାର ସେବନ ଦ୍ୱାରା ମୁଣ୍ଡ ବିନ୍ଧା ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ମୁଣ୍ଡବିନ୍ଧା ଦୂର କରିବା ପାଇଁ ଲବଙ୍ଗ ତେଲ ଓ ନଡ଼ିଆ ତେଲ ମିଶାଇ ମଥାରେ ଲଗାନ୍ତୁ। ଯଦି ଆପଣଙ୍କର ମାଇଗ୍ରେନ ସମସ୍ୟା ରହିଛି ତେବେ ଗାଜର ଜୁସ ପିଇବା ଅଭ୍ୟାସ କରନ୍ତୁ। ବିନା ଔଷଧରେ ଆପଣଙ୍କୁ ମାଇଗ୍ରେନ ସମସ୍ୟାରୁ ମୁକ୍ତି ମିଳିପାରିବ।

ଅଦା ରସ ମସ୍ତିଷ୍କରେ ରକ୍ତବାହିକା ଫୁଲାକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏଥିପାଇଁ ଦୁଇ ବଡ଼ ଚାମଚ ଅଦା ରସ, ଦୁଇ ଚାମଚ ଲେମ୍ବୁରସ ମିଶାଇ ଏହି ରସକୁ ଦିନରେ ଦୁଇରୁ ୩ ଥର ସେବନ କରନ୍ତୁ। ତୁଳସୀ ପତ୍ରକୁ ଚନ୍ଦନ ପାଉଡର ସହ ମିଶାଇ ମଥାରେ ଲଗାଇବା ଫଳରେ ମୁଣ୍ଡବିନ୍ଧାରୁ ମୁକ୍ତି ମିଳିଥାଏ। ସେହିପରି ମୁଣ୍ଡବିନ୍ଧାରୁ ମୁକ୍ତି ପାଇଁ ରସୁଣ ରସ ସେବନ କରିପାରିବେ। ଅଧିକ ଜୋର୍‌ରେ ମୁଣ୍ଡବିନ୍ଧା ହେଉଥିଲେ ୪ରୁ ୫ଟି ଲବଙ୍ଗକୁ ତାୱାରେ ସେକି କପଡ଼ାରେ ବାନ୍ଧିଦିଅନ୍ତୁ ଓ କିଛି ସମୟ ବ୍ୟବଧାନରେ ଏହାକୁ ଶୁଙ୍ଘନ୍ତୁ। ମୁଣ୍ଡବିନ୍ଧାରୁ ଆରାମ ପାଇବା ଲାଗି ଆପଣ ନଡ଼ିଆ ତେଲ ମାଲିସ କରିପାରିବେ। ଅନେକ ସମୟରେ ଟାଇଟ୍‌ରେ କେଶ କିମ୍ବା ପଗଡ଼ି ବାନ୍ଧିବା ଫଳରେ ମଧ୍ୟ ମୁଣ୍ଡବିନ୍ଧା ହୋଇଥାଏ। ତେଣୁ ଯଦି ଏପରି କିଛି କରିଥାନ୍ତି, ତେବେ ତୁରନ୍ତ ଏହାକୁ ଢିଲା କରନ୍ତୁ।

# ପାଞ୍ଚଟି ଫଳର ଉପକାରିତା

### ନାସପାତି:

ନାସପାତିରେ ପାଣିରେ ଦ୍ରବୀଭୂତ ହେବା ଭଳି ପୁଷ୍ଟିଯୁକ୍ତ ଫାଇବର ରହିଛି। ଯାହା ସେଲୁଲୋଜ ସ୍ତରକୁ ନିୟନ୍ତ୍ରଣ କରି ରଖିଥାଏ। ସୁସ୍ଥ ଶରୀର ପାଇଁ ଆବଶ୍ୟକ ହେଉଥିବା ବହୁ ପୁଷ୍ଟିକର ପଦାର୍ଥ ନାସପାତିରୁ ମିଳିଥାଏ। ପ୍ରାକୃତିକ ଭିଟାମିନ, ମିନେରଲ୍, ଏନଜାଇମ ସହ ଆଣ୍ଟି-ଅକ୍ସିଡ଼ାଣ୍ଟ ରହିଛି। ଯାହା କୋଲେଷ୍ଟ୍ରୋଲର ମାତ୍ରା ନିୟନ୍ତ୍ରଣ କରିଥାଏ।

### ସେଓ:

ସେଓରେ ପ୍ରଚୁର ମାତ୍ରାରେ ଭିଟାମିନ୍ ଓ ପ୍ରୋଟିନ୍ ରହିଛି। ଏହାକୁ ନିୟମିତ ଖାଇବା ଦ୍ୱାରା କୋଲେଷ୍ଟ୍ରୋଲ କମ ହୋଇଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣ ହୋଇ ରହେ।

### ଲେମ୍ବୁ:

ଖଟା ଫଳରେ ଏପରି ବହୁ ଏନ୍‌ଜାଇମ୍ ରହିଛି, ଯାହା ମେଟାବୋଲିଜିୟମର ପ୍ରକ୍ରିୟାକୁ ଦ୍ରୁତଗାମୀ କରି କୋଲେଷ୍ଟ୍ରୋଲ କମ କରିଥାଏ। ଲେମ୍ବୁରେ ଥିବା ପୋଷକ ତତ୍ତ୍ୱ ଖରାପ କୋଲେଷ୍ଟ୍ରୋଲକୁ ରକ୍ତ ପ୍ରବାହ ମଧ୍ୟକୁ ଯିବାକୁ ଦେଇନଥାଏ।

### ଟମାଟୋ:


ଏହାକୁ ଖାଇବା ଦ୍ୱାରା ହୃଦ୍‌ଘାତର ଆଶଙ୍କା ଖୁବ୍ କମ୍ ଥାଏ। ଏହା ରକ୍ତ ବାହିକାରେ ରକ୍ତ ଜମାଟ ବାନ୍ଧିବାକୁ ଦେଇନଥାଏ। ରକ୍ତ ସଞ୍ଚାଳନ ସଠିକ ଭାବେ ହେବାକୁ ସାହାଯ୍ୟ କରିଥାଏ।

### ଅମୃତଭଣ୍ଡା:

ଅମୃତଭଣ୍ଡା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ଅଟେ। ଏଥିରେ ଫାଇବର୍, ଭିଟାମିନ ସି ଓ ଆଣ୍ଟି-ଅକ୍ସିଡ଼ାଣ୍ଟ ଭଳି ପୋଷକ ତତ୍ତ୍ୱର ମାତ୍ରା ପ୍ରଚୁର ପରିମାଣରେ ରହିଛି ଯାହା ଶରୀରରେ ଥିବା ରକ୍ତ କୋଷିକାଗୁଡ଼ିକରେ ରକ୍ତ ଜମାଟ ହେବାକୁ ଦେଇ ନଥାଏ।

## ପ୍ରାକୃତିକ ଶୋଭାର ଭଣ୍ଡାର

# କେନ୍ଦୁଝର





**କେନ୍ଦୁଝର ଜିଲ୍ଲାରେ ରହିଛି ଏଭଳି ଅନେକ ପର୍ଯ୍ୟଟନସ୍ଥଳୀ, ଯାହା ସାରା ବିଶ୍ୱର ପର୍ଯ୍ୟଟକଙ୍କୁ ଆକୃଷ୍ଟକରି ଟାଣିଆଣେ ନିଜ ଆଡ଼କୁ। ଏହି ଜିଲ୍ଲାର ଘଟଗାଁରେ ରହିଛି ବିଶ୍ୱ ପ୍ରସିଦ୍ଧ ମା' ତାରିଣୀଙ୍କ ମନ୍ଦିର। ତା'ସହିତ ସହର ଉପକଣ୍ଠରେ ରହିଛି ବଡ଼ ଘାଗରା ଓ ସାନ ଘାଗରା ଜଳପ୍ରପାତ। ଏଥିସହ ଜିଲ୍ଲାର ଶୋଭା ବଢ଼ାଉଛି ଭୀମକୁଣ୍ଡ ଜଳପ୍ରପାତ; ଯାହାର ପ୍ରାକୃତିକ ଶୋଭା ଅବର୍ଣ୍ଣନନୀୟ। ଭୁବନେଶ୍ୱରଠାରୁ କେନ୍ଦୁଝର ପ୍ରାୟ ୨୩୫ କି.ମି. ଦୂରରେ ଅବସ୍ଥିତ। ତେଣୁ ସଡ଼କ ପଥରେ ଗୋଟିଏ ଦିନ ମଧ୍ୟରେ ସହଜରେ ବୁଲାବୁଲି କରି ଫେରିହୁଏ...**

*** ଘଟଗାଁ ମା' ତାରିଣୀ:** ଲୋକକଥା ଅନୁଯାୟୀ, ଓଡ଼ିଶାର ତତ୍କାଳୀନ ଗଜପତି ମହାରାଜ ମା' ତାରିଣୀଙ୍କୁ କାଞ୍ଚି ବିଜୟ କରି ପୁରୀକୁ ଆଣିଥିଲେ। ପରେ କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜ ମା'ଙ୍କୁ ପୁରୀରୁ ନିଜ ରାଜ୍ୟକୁ ନେବାକୁ ଇଚ୍ଛା କରିବାରୁ ମା' ସର୍ତ୍ତ ରଖିଲେ ଯେ, କେନ୍ଦୁଝରରେ ପହଞ୍ଚିଲା ପର୍ଯ୍ୟନ୍ତ ରାଜା ପଛକୁ ଫେରି ଚାହିଁବେ ନାହିଁ। ଯେଉଁଠି ରାଜା ପଛକୁ ଫେରି ଚାହିଁବେ, ମା' ସେହିଠାରେ ପଥର ପାଲଟି ରହିଯିବେ। ମା'ଙ୍କ ସର୍ତ୍ତରେ ରାଜିହୋଇ ପରଦିନ ପୁରୀରୁ କେନ୍ଦୁଝର ଅଭିମୁଖେ ଘୋଡ଼ା ଝପଟାଇଲେ ଗୋବିନ୍ଦ ଭଞ୍ଜ। ବଣ, ନଦୀ, ପାହାଡ଼ ପର୍ବତ ପାରକରି ଘୋଡ଼ା ଆଗେଇ ଚାଲିଥାଏ। ବାଟସାରା ମା'ଙ୍କର ନୂପୁରର ରୁଣୁଝୁଣୁ ଶବ୍ଦ ଶୁଣିଶୁଣି ଆଗକୁ ଚାଲିଥାନ୍ତି ରାଜା। ଶାଳଗାଁ ପାରହେଲା ପରେ ଘଞ୍ଚ ଜଙ୍ଗଲ ପଡ଼େ। ସେଠାରୁ ଆରମ୍ଭ ହୋଇଯାଏ ଶାଳ ଅରଣ୍ୟ। ବିରାଟ ବିରାଟ ଶାଳଗଛର ଜଙ୍ଗଲ ଭିତରେ ଛୋଟ ଛୋଟ ଶବରପଲ୍ଲୀ। କେନ୍ଦୁଝର ଆଉ ଅଳ୍ପ ଦୂର ଥାଏ, ମା'ଙ୍କର ନୂପୁରର ଶବ୍ଦ ଆଉ ଶୁଭିଲା ନାହିଁ। ରାଜାଙ୍କ ମନରେ ଶଙ୍କା ଆସିଲା ମା' କ'ଣ ଠକିଦେଇ ବାଟରେ କେଉଁଠି ରହିଗଲେ କି! ସେଇଠି ପଛକୁ ମୁହଁ ବୁଲେଇ ଚାହିଁ ଦେଲେ ସେ। ହଠାତ୍ ଶୂନ୍ୟବାଣୀ ହେଲା କ'ଣ କଲୁରେ ପୁଅ! ମା'ଙ୍କୁ ଅବିଶ୍ୱାସ କରି ମନା କରିବା ସତ୍ତ୍ୱେ ପଛକୁ ଫେରି ଚାହିଁଲୁ! ମୁଁ ତ ଏଇଠି ଏଇ ଶାଳଗଛ ତଳେ ପଥର ପାଲଟି ଗଲିରେ ପୁଅ! ଆଉ ଆଗକୁ ଯାଇପାରିବିନାହିଁ। ତୁ ମୋତେ ଏଇଠି ରଖି ପୂଜାର୍ଚ୍ଚନା କର। ମନସ୍ତାପରେ ଭାଙ୍ଗି ପଡ଼ିଲେ ରାଜା। ହାତଯୋଡ଼ି ମା'ଙ୍କୁ କ୍ଷମା ପ୍ରାର୍ଥନା କଲେ, ହେଲେ ମା' ସେହି ସ୍ଥାନରୁ ଆଉ ପାଦଟିଏ ମଧ୍ୟ ଘୁଞ୍ଚିପାରିଲେ ନାହିଁ। ଅଗତ୍ୟା ଗୋବିନ୍ଦ ଭଞ୍ଜ ସେଇ ଶାଳବଣରେ ହିଁ ମା'ଙ୍କର ଆସ୍ଥାନଟିଏ କରି ସେହି ବନବାସୀ ଦେହୁରୀମାନଙ୍କ ହାତରେ ମା'ଙ୍କର ଯଥାବିଧି ପୂଜାର୍ଚ୍ଚନା କରାଇଥିଲେ ଏବଂ ସେହିଦିନଠାରୁ ମା'ଙ୍କର ନିତ୍ୟନୈମିତ୍ତିକ ସେବା ପାଇଁ ସେମାନଙ୍କୁ ନିଯୁକ୍ତ କରି ମନ ଦୁଃଖରେ କେନ୍ଦୁଝର ରାଜଉଆସକୁ ଫେରିଥିଲେ। ଆଉ ପ୍ରତିଦିନ ରାଜ ଉଆସରୁ ଆସି ମା'ଙ୍କ ଦର୍ଶନ କରୁଥିଲେ। ସେହି କାଳରୁ ମା'ତାରିଣୀ କେନ୍ଦୁଝର ଜିଲ୍ଲାର ଇଷ୍ଟଦେବୀ ରୂପେ ଘଟଗାଁରେ ପୂଜା ପାଇ ଆସୁଛନ୍ତି।

*** ବଡ଼ ଘାଗରା ଓ ସାନ ଘାଗରା:** ମା' ତାରିଣୀ ପୀଠରୁ ପ୍ରାୟ ୫୦ କି.ମି. ଦୂରରେ ରହିଛି ବଡ଼ ଘାଗରା ଜଳପ୍ରପାତ। ସାନମାଛକାନ୍ଦଣା ନଦୀଶଯ୍ୟାର ଜଳ ପର୍ବତ ଶର୍ଯ୍ୟାରୁ ପ୍ରାୟ ୧୦୦ ଫୁଟ ତଳକୁ ଖସି ଏହି ବଡ଼ ଘାଗରା ଜଳପ୍ରପାତ ସୃଷ୍ଟି ହୋଇଛି। ଅନତି ଦୂରରେ ଏହି ଜଳକୁ ଡ୍ୟାମ୍‌ରେ ଧରି ରଖି ଜଳବିଦ୍ୟୁତ୍ ପ୍ରକଳ୍ପ ତିଆରି ହୋଇଛି। ସରକାରଙ୍କ ଦ୍ୱାରା ଏଠାରେ ନିର୍ମିତ ହୋଇଛି ସୁନ୍ଦର ପାର୍କଟିଏ। ନଦୀ ମଝିରେ ସୁଉଚ୍ଚ ଶିବମୂର୍ତ୍ତିଟିଏ ଗଢ଼ାଯାଇଛି; ଯାହାକୁ କେନ୍ଦ୍ରକରି ନଦୀର କିଛି ଅଂଶରେ ପର୍ଯ୍ୟଟକଙ୍କ ପାଇଁ ବୋଟିଂର ସୁବିଧା କରାଯାଇଛି। କିଛି କିଛି ଦୋକାନ, ବଜାର, ଅସ୍ଥାୟୀ ହୋଟେଲ ମଧ୍ୟ ଖୋଲାଯାଇଛି ଦର୍ଶକଙ୍କ ସୁବିଧା ପାଇଁ। ଆଉ ଏହିଠାରୁ ପ୍ରାୟ ୪ କି. ମି. ଦୂରରେ ରହିଛି ସାନ ଘାଗରା ଜଳପ୍ରପାତ; ଯେଉଁଠି ପର୍ବତ ଶଯ୍ୟା ଅଳ୍ପ ଟିକିଏ କମ୍ ଉଚ୍ଚତାରେ ରହିଛି ଏବଂ ଜଳସ୍ରୋତର ବେଗ ବି ଅପେକ୍ଷାକୃତ କମ୍ ରହିଛି।

*** ଭୀମକୁଣ୍ଡ:** ସାନଘାଗରା ଓ ବଡ଼ଘାଗରାରୁ ଘଟଗାଁ ଫେରିବା ବାଟରେ ଢେଙ୍କିକୋଟରୁ ବାମ ହାତି ରାସ୍ତାରେ ପ୍ରାୟ ୩୩ କି.ମି. ଦୂରରେ ପଡ଼େ ଭୀମକୁଣ୍ଡ ଜଳପ୍ରପାତ। ଘଞ୍ଚ ଜଙ୍ଗଲ ଭିତରେ ଧଳା ପାହାଡ଼ ଶଯ୍ୟାରେ ଘୋର ଘର୍ଘର ନାଦ କରି ବହିଯାଇଛି ବୈତରଣୀ ନଦୀ। ସେହି ଭୀମ ଭୟଙ୍କର ନାଦରୁ ପାହାଡ଼ ଉପରେ ସୃଷ୍ଟି ହୋଇଛି ବିରାଟ କୁଣ୍ଡଳୀ ଭଳି ସ୍ଥାନଟିଏ; ଯେଉଁଠି ନଦୀ କୁଣ୍ଡଳୀ ସଦୃଶ ଚକ୍କର କାଟି ପୁଣି ବହିଯାଇଛି ତଳକୁ ତଳକୁ। ଏବେ ପର୍ଯ୍ୟଟକଙ୍କ ପାଇଁ ସେଠାରେ ନଦୀର ଉପର ଭାଗରେ ତିଆରି ହୋଇଛି ବିରାଟ ଏକ ବଗିଚା, ତା' ମଝିରେ ତିଆରି ହୋଇଛି ପଞ୍ଚୁପାଣ୍ଡବଙ୍କ ମଧ୍ୟରୁ ପାଣ୍ଡବ ଭୀମଙ୍କର ସୁଉଚ୍ଚ ମୂର୍ତ୍ତିଟିଏ। ସେଠାରେ ଠିଆହୋଇ ଭୀମକୁଣ୍ଡର ଅପୂର୍ବ ସୁନ୍ଦର ରୂପ ନିରୀକ୍ଷଣ କରିହୁଏ। ଏବେ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ଅନତି ଦୂରରେ ଭୀମକୁଣ୍ଡର ପ୍ରତ୍ୟକ୍ଷ ଦର୍ଶନ କରିବା ପାଇଁ ନଦୀ ଭିତରକୁ ମୁହଁ କରି ତିଆରି ହୋଇଛି ତିନି ମହଲାର ଏକ ୱାଚ୍ ଟାୱାର। ସେଥିରେ ଚଢ଼ି ପର୍ଯ୍ୟଟକମାନେ ଭୀମକୁଣ୍ଡ ଜଳପ୍ରପାତର ଚତୁର୍ଦ୍ଦିଗ ନିରୀକ୍ଷଣ କରିପାରିବେ। କି ସୁନ୍ଦର ସେ ପରିବେଶ ନିଜେ ନ ଦେଖିଲେ ଅନୁଭବ କରିହେବ ନାହିଁ!

### କେବେ ଓ କେମିତି ଯିବେ

ଏଠାକୁ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ବର୍ଷର ସବୁ ସମୟରେ ଗମନାଗମନର ସୁବିଧା କରାଯାଇଛି। ରାଜ୍ୟର ସମସ୍ତ ସ୍ଥାନରୁ ସରକାରୀ, ବେସରକାରୀ ବସ୍ ଅହରହ ଚାଲିଛି ଏଠାକୁ। ଏହାର ନିକଟତମ ରେଳଷ୍ଟେଶନ ହେଉଛି କେନ୍ଦୁଝରଗଡ଼ ରେଳଷ୍ଟେଶନ ଏବଂ ନିକଟତମ ବିମାନବନ୍ଦର ହେଉଛି ଭୁବନେଶ୍ୱର।







## ବାଲି ହରଚଣ୍ଡୀ

ବ୍ରହ୍ମଗିରି ବ୍ଲକର ମା'ବାଲିହରଚଣ୍ଡୀଙ୍କ ପୀଠ ଅତ୍ୟନ୍ତ ପ୍ରାଚୀନ। ସେଠାରେ ବାରମାସରେ ତେର ପୂଜା ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ମାସର ଷୋଳପୂଜା ଦେବୀଙ୍କ ପୀଠରେ ବଡ଼ ପର୍ବ। ଷୋଳପୂଜାରେ ମା'ଙ୍କୁ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ। ଷୋଳପୂଜା ପାଇଁ ମନ୍ଦିର ପକ୍ଷରୁ ମା'ଙ୍କ ନୀତି ନିର୍ଘଣ୍ଟ ହୋଇଥାଏ। ପ୍ରତ୍ୟେକ ଦିନ ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯିବା ପରେ ମଙ୍ଗଳଆଳତି, ଅବକାଶ, ମଇଲମ ଓ ବଲ୍ଲଭ ଧୂପ କରାଯାଏ। ମା'ଙ୍କୁ ୧୦୮ କଳସ ବରଣ କରାଯାଇ ସୁବାସିତ ଜଳରେ ସ୍ନାନ କରାଯାଏ। ସେବକ ବାଲଭୋଗରେ ଖଇକୋରା, ଚୁଡାଘଷା, କଦଳୀ, ସେଉ, କାକୁଡ଼ି. ଧୂଆମୁଗ ଓ କାକରା ଭୋଗ ଅର୍ପଣ କରିଥାଆନ୍ତି। ଦ୍ୱିପ୍ରହର ଧୂପରେ ମା'ଙ୍କୁ ସାଧାଅନ୍ନ, ଖେଚୁଡ଼ି, ମାଛ ବେସର ଓ ଖିରୀ ଭୋଗହୁଏ। ଏଠାରେ ମାସ ବେସର ଓ ମହୁର ପ୍ରସିଦ୍ଧ। ମା'ଙ୍କ ଭୋଗରେ ପିଆଜ ଓ ରସୁଣ ବ୍ୟବହାର କରାଯାଏ ନାହିଁ। ପ୍ରତ୍ୟେହ ସନ୍ଧ୍ୟାରେ ଚଣ୍ଡୀପାଠ ଓ ଆଳତି ହୁଏ। ଷୋଳପୂଜାରେ ମା'ଙ୍କୁ ପାର୍ବତୀ, ଭୁବନେଶ୍ୱରୀ, ସର୍ବମଙ୍ଗଳା, ଚନ୍ଦନ, ମହାଲକ୍ଷ୍ମୀ, ବନଦୁର୍ଗା, ଜୟଦୁର୍ଗା, ସିଂହବାହିନୀ, ମହିଷାମର୍ଦ୍ଦିନୀ, ସରସ୍ୱତୀ, ରାଜରାଜେଶ୍ୱରୀ, ମହାଗାୟତ୍ରୀ, ଅଷ୍ଟଭୂତା ଓ କାଳୀ ବେଶ କରାଯାଏ।

# ଅହମ୍ମଦାବାଦ୍ ଟେଷ୍ଟରେ ଭାରତର ଜବରଦସ୍ତ ବିଜୟ

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ଦିନିକିଆ ଦଳ ଘୋଷଣା: ଗିଲ୍‌ଙ୍କୁ ମିଳିଲା ଦାୟିତ୍ୱ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଅଷ୍ଟ୍ରେଲିଆ ଗସ୍ତ ପାଇଁ ଦିନିକିଆ ଦଳ ଘୋଷଣା କରିଛି। ଶୁବମନ ଗିଲଙ୍କୁ ଦଳର ନୂତନ ଅଧିନାୟକ ନିଯୁକ୍ତ କରାଯାଇଛି। ବିରାଟ କୋହଲି ଏବଂ ରୋହିତ ଶର୍ମା ମଧ୍ୟ ଦଳରେ ସାମିଲ ହୋଇଛନ୍ତି। ଶ୍ରେୟସ ଆୟରଙ୍କୁ ଭାରତର ଦିକି ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), ଅକ୍ଷର ପଟେଲ, କେଏଲ ରାହୁଲ (ଉଇକେଟକିପର), ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କୃଷ୍ଣ, ଧ୍ରୁବ ଜୁରେଲ (ଉଇକେଟକିପର), ଏବଂ ଯଶସ୍ୱୀ ଜୟସୱାଲ।

ନୂଆଦିଲ୍ଲୀ,: ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଦୁଇଟି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚକୁ ଭାରତ ଜିତିନେଇଛି। ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇ ଏହି ଟେଷ୍ଟକୁ ଟିମ ଇଣ୍ଡିଆ ଗୋଟିଏ ଇନିଂସ ଏବଂ ୧୪୦ ରନ ବ୍ୟବଧାନରେ ଜିତିଛି। ଭାରତୀୟ ଦଳ ଏହି ମ୍ୟାଚରେ ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲା। ଟିମ ଇଣ୍ଡିଆ ପାଇଁ ରବିନ୍ଦ୍ର ଜାଡେଜା, କେଏଲ ରାହୁଲ ଏବଂ ଧ୍ରୁବ ଜୁରେଲ ଶତକ ହାସଲ କରିଥିଲେ। ମହମ୍ମଦ ସିରାଜ ଏବଂ ଜାଡେଜା ବୋଲିଂରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ଟିମ ଇଣ୍ଡିଆ ବିପକ୍ଷରେ ଉଭୟ ଇନିଂସରେ ୱେଷ୍ଟଇଣ୍ଡିଜର ବ୍ୟାଟିଂ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ପ୍ରଥମ ଇନିଂସରେ ଭ୍ରମଣକାରୀ ଦଳ ମାତ୍ର ୧୬୨ ରନ କରି ଅଲଆଉଟ ହୋଇଥିଲା ଏବଂ ଜବାବରେ ଟିମ



ଇଣ୍ଡିଆ ୫ ଉଇକେଟ ହରାଇ ୪୪୮ ରନ କରି ସେମାନଙ୍କର ଇନିଂସ ଘୋଷଣା କରିଥିଲା। ୨୮୬ ରନ ପଛରେ ପଡ଼ିଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ଦଳ ତାସ ଗଦା ପରି ଭାଙ୍ଗି ପଡ଼ିଥିଲା। ଦ୍ୱିତୀୟ ଇନିଂସରେ, ୱେଷ୍ଟଇଣ୍ଡିଜ ତୃତୀୟ ଦିନର ଦ୍ୱିତୀୟ ଅଧିବେଶନ ମଧ୍ୟରେ ମାତ୍ର ୧୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ଭାରତ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ଗୋଟିଏ ଇନିଂସ ଏବଂ ୧୪୦ ରନରେ ପରାସ୍ତ କରି ସିରିଜ ଅଗ୍ରଣୀ କରିବାରେ ସାହାଯ୍ୟ କରିଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲିକ ଆଥାନାଜେ ସର୍ବାଧିକ ୩୮ ରନ କରିଥିଲେ। ଜଷ୍ଟିନ ଗ୍ରେଭ୍ସ ୨୫ ରନ ଯୋଡ଼ିଥିଲେ। ଜୟଡେନ ସେଲ୍ସ ୨୨ ରନ କରିଥିଲେ। ଏହା ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଅଧିକ ସମୟ ପାଇଁ କ୍ରିଜ୍ ?ରେ ରହିପାରି ନ ଥିଲେ। ଏହି ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କୁ ମୁକ୍ତ ଭାବରେ ଖେଳିବାକୁ ଦେଇ ନ ଥିଲେ। ଭ୍ରମଣକାରୀ ଦଳର କୌଣସି ବ୍ୟାଟସମ୍ୟାନ ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଦ୍ୱିତୀୟ ଇନିଂସରେ ରବିନ୍ଦ୍ର ଜାଡେଜା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ମହମ୍ମଦ ସିରାଜ ତିନୋଟି ଉଇକେଟ ନେଇଥିଲେ, ଏବଂ କୁଲଦୀପ ଯାଦବ ଦୁଇଟି ଉଇକେଟ ନେଇଥିଲେ। ଏହି ଟେଷ୍ଟ ମ୍ୟାଚ୍‌ରେ ରବିନ୍ଦ୍ର ଜାଡେଜା ବ୍ୟାଟ ଏବଂ ବଲ ଉଭୟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ପ୍ରଥମେ, ସେ ୧୦୪ ରନ୍‌ରେ ଅପରାଜିତ ଶତକ ହାସଲ କରିଥିଲେ ଏବଂ ପରେ ୪ଟି ଉଇକେଟ ନେଇ ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜକୁ ଶୀଘ୍ର ଅଲଆଉଟ୍ କରିଥିଲେ।

# ଚୀନ୍ ଗସ୍ତରେ ଯିବ ଭାରତ-ଏ’ ମହିଳା ହକି ଟିମ୍



ନୂଆଦିଲ୍ଲୀ,: ଭାରତ-ଏ’ ମହିଳା ହକି ଟିମଚଳିତ ମାସରେ ଚୀନ୍ ଗସ୍ତ କରିବ। ଏହି ଅବସରରେ ଟିମ୍ ଅକ୍ଟୋବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଲିୟାଓନିଙ୍ଗ୍ ଟିମ୍ ବିପକ୍ଷରେ ପାଞ୍ଚଟି ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ଦାଲିୟାନ୍‌ର ଲିୟାଓନିଙ୍ଗ ସ୍ପୋର୍ଟ୍ସ ସେଣ୍ଟର୍‌ରେ ଖେଳାଯିବ। ଏହି ଗସ୍ତ ଭାରତୀୟ ମହିଳା ହକିର ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଏହି ଗସ୍ତ ଅବସରରେ ଉଦୀୟମାନ ଖେଳାଳିମାନେ ଅନ୍ତର୍ଜାତୀୟ ଅନୁଭବ ଏବଂ ମ୍ୟାଚ୍ ଅଭ୍ୟାସ ହାସଲ କରିପାରିବେ। ଅନୁଭବୀ ଡିଫେଣ୍ଡର୍ ମନୀଷା ଚୌହାନ୍ ଟିମ୍‌ର ନେତୃତ୍ୱ ସମ୍ଭାଳିବାକୁ ଥିବାବେଳେ ଭାରତୀୟ ମହିଳା ହକି ଟିମ୍‌ର ବିଶ୍ଳେଷଣାତ୍ମକ କୋଚ୍ ଡେଭ୍ ସ୍ମୋଲେନାର୍ସଙ୍କୁ ଏହି ଗସ୍ତ ପାଇଁ ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଛି। ସ୍ମୋଲେନାର୍ସ କହିଛନ୍ତି, ଆମେ ଏକ ଶକ୍ତିଶାଳୀ ଯୁବ ଟିମ୍ ପ୍ରସ୍ତୁତ କରିଛୁ। ଚୀନ୍‌ରେ ହେବାକୁ ଥିବା ଏହି ସିରିଜ୍ ଖେଳାଳିଙ୍କୁ ନିଜ ପ୍ରତିଭା ପ୍ରଦର୍ଶିତ ସହିତ ନୂଆ ପରିବେଶରେ ଶିଖିବା ଏବଂ ଅନ୍ତର୍ଜାତୀୟ ଅନୁଭବ ହାସଲ ଦିଗରେ ସୁଯୋଗ ଦେବ। ଭାରତ-ଏ ଟିମ୍: ଗୋଲ୍‌କିପର୍- ବଂସାରୀ ସୋଲାଙ୍କି, ମାଧୁରୀ କିଣ୍ଡୋ। ଡିଫେଣ୍ଡର୍ - ମନୀଷା ଚୌହାନ୍, ଅକ୍ଷତା ଅବାସୋ ଢେକାଲେ, ଜ୍ୟୋତି ଛତ୍ରୀ, ମହିଳା ଚୌଧୁରୀ, ଅଞ୍ଜନା ଡୁଙ୍ଗ୍‌ଡୁଙ୍ଗ୍। ମିଡ୍‌ଫିଲ୍ଡର- ସୁଜାତା କୁଜୁର, ଦୀପିକା ସୋରେଙ୍ଗ, ଅଜମିନା କୁଜୁର, ପୂଜା ଯାଦବ, ବଲଜିତ୍ କୌର, ଦୀପି ମୋନିକା ଟପ୍ପୋ। ଫରୱାର୍ଡ - ଅଲବେଲା ରାଣୀ ଟପ୍ପୋ, ରିତିକା ସିଂହ, ଅନୁ, ଚନ୍ଦନା ଜଗଦୀଶା, କାଜଲ ସଦାଶିବ ଅଟପଡ଼କର, ସେଲେଷ୍ଟିନା ହୋରୋ।

# ଫିଫା ବିଶ୍ୱକପ୍‌ର ଆଧିକାରିକ ମ୍ୟାଚ୍ ବଲ୍ ‘ଟ୍ରିୟୋଣ୍ଡା’ ଲଞ୍ଚ୍

ନୂଆଦିଲ୍ଲୀ: ଫିଫା ବିଶ୍ୱକପ୍ ୨୦୨୬ ପାଇଁ ଆଧିକାରିକ ମ୍ୟାଚ୍ ପଲ୍ ‘ଟ୍ରିୟୋଣ୍ଡା’ର ଅନାବରଣ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ କାନାଡା, ମେକ୍ସିକୋ ଏବଂ ଆମେରିକାର ମିଳିତ ଆୟୋଜନରେ ଖେଳାଯିବ। ଏବଂ କିକ୍-ଅଫ୍ ପାଇଁ ଆଉ କେବଳ ୯ ମାସ ବାକି ରହିଛି। ଫିଫା ଏବଂ ଏଡିଡାସ୍ ମିଳିତ ଭାବେ ଏହି ଐତିହାସିକ ବଲ୍ ପ୍ରସ୍ତୁତ କରିଛନ୍ତି, ଯାହା ପ୍ରଥମ ଥର ତିନି ଦେଶ ଦ୍ୱାରା ସଂଯୁକ୍ତ ଭାବେ ଆୟୋଜିତ ହେବାକୁ ଥିବା ବିଶ୍ୱକପ୍‌ର ଏକତାକୁ ଦର୍ଶାଉଛି। ଟ୍ରିୟୋଣ୍ଡା’ ନାମ ସ୍ପାନିଶ୍ ଭାଷାରୁ ନିଆଯାଇଛି, ଯାହା ଅର୍ଥ ‘ତିନି ଲହଡ଼ି’। ଅନବରଣ ଅବସରରେ ଫିଫା ପକ୍ଷରୁ କୁହାଯାଇଛି ଏହି ବଲ୍ କେବଳ ଏକ ଖେଳ ଉପକରଣ ନୁହେଁ, ବରଂ ତିନିଟି ରାଷ୍ଟ୍ର (କାନାଡା, ମେକ୍ସିକୋ ଓ ଆମେରିକା)ର ମିଳିତ ଶକ୍ତି ଏବଂ ଫୁଟ୍‌ବଲ୍ ପ୍ରେମର ପ୍ରତୀକ। ଏହି ବଲ୍‌ର ଡିଜାଇନ୍ ବହୁ ସ୍ୱତନ୍ତ୍ର। ଏଥିରେ ଲାଲ୍, ସବୁଜ ଏବଂ ନୀଳ ରଙ୍ଗର ଉପଯୋଗ କରାଯାଇଛି ଯାହା ତିନି ଆୟୋଜକ ଦେଶର ପରିଚୟକୁ ଦର୍ଶାଉଛି। କାନାଡା ପାଇଁ ଏଥିରେ ମେପଲ୍ ଲିଫ୍ (ମେପଲ୍‌ର ପତ୍ର), ମେକ୍ସିକୋ ପାଇଁ ଇଗଲ୍ ଏବଂ ଆମେରିକା ପାଇଁ ଷ୍ଟାର୍ (ତାରକା)ର ପ୍ରତୀକ ସାମିଲ କରାଯାଇଛି। ଏହା ବ୍ୟତୀତ ସ୍ୱର୍ଣ୍ଣିମ ରଙ୍ଗ ଫିଫା ବିଶ୍ୱକପ୍ ଟ୍ରଫିକୁ ଦର୍ଶାଇବା ସହିତ ଟୁର୍ଣ୍ଣାମେଣ୍ଟ୍‌ର ଐତିହାସିକ ଗୁରୁତ୍ୱକୁ ରେଖାଙ୍କିତ କରୁଛି।

# କ୍ରିକେଟ୍‌ରୁ ରସନାରା ପରୱିନ୍‌ଙ୍କ ସନ୍ନ୍ୟାସ

କଟକ,: ଓଡ଼ିଶା ମହିଳା କ୍ରିକେଟ୍ ଟିମ୍‌ର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରସ୍‌ନାରା ପରୱିନ୍ କ୍ରିକେଟ୍‌ରୁ ସମସ୍ତ ଫର୍ମାଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ୨୦୧୩ ମହିଳା ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରୁ ଅନ୍ତର୍ଜାତୀୟ କ୍ୟାରିୟର୍ ଆରମ୍ଭ କରିଥିବା ଏହି ଡାହାଣହାତୀ ଅଫ୍-ବ୍ରେକ୍ ବୋଲର୍ ତାଙ୍କ ଚମତ୍କାର କ୍ୟାରିୟର୍‌ରେ ଭାରତ ପକ୍ଷରୁ ଗୋଟିଏ ଦିନିକିଆ ଏବଂ ଦୁଇଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହା ବ୍ୟତୀତ ସେ ଅନେକ ଦିନିକିଆ ଏବଂ ଟି-୨୦ ମ୍ୟାଚ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି। ଘରୋଇ ସ୍ତରରେ ଓଡ଼ିଶା ପାଇଁ ସମସ୍ତ ଫର୍ମାଟ୍‌ରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଆସିଛି। ଭାରତ ଏବଂ ଓଡ଼ିଶା କ୍ରିକେଟ୍‌ରେ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ପଦାଧିକାରୀ ଓ ସଦସ୍ୟ କୃତଜ୍ଞତା ଜ୍ଞାପନ କରିବା ସହିତ ତାଙ୍କ ଭବିଷ୍ୟତ ପ୍ରୟାସ ପାଇଁ ଶୁଭକାମନା ଜଣାଇଛନ୍ତି।

# ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନ୍‌ଶିପ୍: ମୀରାବାଇ ଚାନୁଙ୍କୁ ରୌପ୍ୟ ପଦକ

ନୂଆଦିଲ୍ଲୀ: ନରୱେର ଫୋର୍ଡେରେ ଆୟୋଜିତ ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନ୍‌ଶିପ୍‌ରେ ଭାରତର ଷ୍ଟାର୍ ଭାରୋତ୍ତୋଳକ ମୀରବାଇ ଚାନୁ ୪୮ କେଜି ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି। ମୀରାବାଇ ମୋଟ ୧୯୯ କେଜି (ସ୍ନାଚ୍‌ରେ ୮୪ କେଜି ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୫ କେଜି) ଓଜନ ଉଠାଇ ଏହି ପଦକ ନିଜ ନାମରେ କରିଛନ୍ତି। ସ୍ନାଚ୍‌ରେ ଚାନୁ ୮୭ କେଜିର ଦୁଇଟି ପ୍ରୟାସରେ ବିଫଳ ହୋଇଥିଲେ। ତେବେ କ୍ଲିନ୍ ଆଣ୍ଡ୍ ଜର୍କରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ସେ ନିଜର ତିନୋଟି ଯାକ ପ୍ରୟାସ (୧୦୯ କେଜି, ୧୧୨ କେଜି ଓ ୧୧୫ କେଜି) ସହଜରେ ପୂରଣ କରିଥିଲେ। ଉଲ୍ଲେଖନୀୟ ମୀରାବାଇ ଶେଷଥର ପାଇଁ ୧୧୫ କେଜିର ଓଜନ ୨୦୨୧ ଟୋକିଓ ଅଲିମ୍ପିକ୍‌ରେ ଉଠାଇଥିଲେ। ସେଠାରେ ସେ ରୌପ୍ୟ ପଦକ ଜିତିଥିଲେ। ପ୍ରତିଯୋଗିତା ସ୍ୱର୍ଣ୍ଣ ପଦକ ଉତ୍ତର କୋରିଆର ରି ସୋଙ୍ଗ୍ ଗୁମ୍ ଜିତିଥିଲେ। ସେ ମୋଟ ୨୧୩ କେଜି (ସ୍ନାଚ୍‌ରେ ୯୧ କେଜି ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୧୨୨ କେଜି) ଓଜନ ଉଠାଇ ବିଶ୍ୱ ରେକର୍ଡ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଅନ୍ତିମ ଦୁଇଟି ପ୍ରୟାସରେ ସେ ୧୨୦ କେଜି ଓ ୧୨୨ କେଜି ଉଠାଇଥିଲେ। ଥାଇଲାଣ୍ଡର ଥନୟାଥୋନ୍ ସୁକ୍‌ଚାରୋ ମୋଟ ୧୯୮ କେଜି (୮୮+୧୧୦ କେଜି) ଓଜନ ଉଠାଇ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏହା ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ମୀରାବାଇଙ୍କ ତୃତୀୟ ପଦକ। ୨୦୧୭ରେ ସେ ବିଶ୍ୱ ଚାମ୍ପିଅନ୍ ହୋଇଥିବା ବେଳେ ୨୦୨୨ରେ ମଧ୍ୟ ରୌପ୍ୟ ପଦକ ଜିତିଥିଲେ। ୩୧ ବର୍ଷୀୟା ଚାନୁ ପୂର୍ବରୁ ୪୯ କେଜି ବର୍ଗରେ ଅଂଶଗ୍ରହଣ କରୁଥିଲେ। ତେବେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ୪୯ କେଜି ବର୍ଗରୁ ହଟାଇଦିଆଯିବା ଫଳରେ ତାଙ୍କୁ ୪୮ କେଜି ବର୍ଗକୁ ଶିଫ୍ଟ ହେବାକୁ ପଡ଼ିଥିଲା।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**